


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୪ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 4 NOVEMBER 2020
Vol.No. 30 ■ No. 278 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...


ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଉପନିର୍ବାଚନ ପାଇଁ ମତଦାନ ଶେଷ

➤ ସଂଧ୍ୟା ୬ ଟା ସୁଦ୍ଧା ୭୦.୦୪ ପ୍ରତିଶତ ମତଦାନ
➤ ବାଲେଶ୍ୱରରେ ୭୧ ପ୍ରତିଶତ, ତିର୍ତୋଲରେ ୬୯.୯୯ ପ୍ରତିଶତ ମତଦାନ

ଭୁବନେଶ୍ୱର,୩।୧୧ (ନି.ପ୍ର): ବାଲେଶ୍ୱର ସଦର ଓ ତିର୍ତୋଲରେ ଉପନିର୍ବାଚନ ଲାଗି ମତଦାନ ଶେଷ ହୋଇଛି । ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ମୋଟ୍ ୭୦.୦୪ ପ୍ରତିଶତ ମତଦାନ ହୋଇଛି । ଏହି ସମୟ ସୁଦ୍ଧା ବାଲେଶ୍ୱର ସଦରରେ ମତଦାନ ହାର ୭୧ ପ୍ରତିଶତ ରହିଥିବା ବେଳେ ତିର୍ତୋଲରେ ଏହା ୬୯.୯୯ ପ୍ରତିଶତ ରହିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ୍ କୁମାର ଲୋହାନୀ ସୂଚନା ଦେଇଛନ୍ତି । ବାଲେଶ୍ୱରର୩୦ଟି ଓ ତିର୍ତୋଲର ୧୨୦ଟି ବୁଥ୍ ର ମତଦାନ ଜାରି ରହିଛି । ତେଣୁ ମତଦାନ ହାର ବୃଦ୍ଧି ପାଇପାରେ । ମକ୍ ପୋଲ ବେଳେ ଇଭିଏମରେ ତ୍ରୁଟି ଦେଖାଦେଇଥିଲା । ଏହାକୁ ତୁରନ୍ତ ବଦଳାଯାଇଛି । କେଉଁଠାରେ ମଧ୍ୟ ଭୋଟ୍ ବର୍ଜନ ହୋଇନାହିଁ । ବୁଥ୍ କ୍ୟାପଚରିଂ ଅଭିଯୋଗ ଆସିଛି , ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ୨୦୧୯ ସାଧାରଣ ନିର୍ବାଚନରେ ବାଲେଶ୍ୱରରେ ୭୨.୨% ମତଦାନ ହୋଇଥିଲା ଏବଂ ତିର୍ତୋଲରେ ୭୪.୦୯% ମତଦାନ ହୋଇଥିଲା । ବାଲେଶ୍ୱର ସଦର ଓ ତିର୍ତୋଲ ଉପ-ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଆଜି ସକାଳ ୭ଟାରୁ ଆରମ୍ଭ ହୋଇଥିଲା । ଦିନ ୧୧ଟା ଯାଏ ବାଲେଶ୍ୱର ବିଧାନସଭା ଆସନରେ ୨୭.୦୬ ପ୍ରତିଶତ ମତଦାନ ରେକର୍ଡ କରା ଯାଇଥିବା ବେଳେ ତିର୍ତୋଲରେ ୨୪.୯୩ପ୍ରତିଶତ ମତଦାନ ରେକର୍ଡ ହୋଇଥିଲା । ଦିନ ୧ଟା ସୁଦ୍ଧା ମୋଟ ୪୦.୫୧ ମତଦାନ ହୋଇଥିଲା । ବାଲେଶ୍ୱରରେ ୪୧.୩୬ ପ୍ରତିଶତ ଏବଂ ତିର୍ତୋଲରେ ୩୯.୬୮ ପ୍ରତିଶତ ମତଦାନ ହୋଇଥିଲା । ଦିନ ୧ଟା ସୁଦ୍ଧା ଉଭୟ ବାଲେଶ୍ୱର ଓ ତିର୍ତୋଲ ନିର୍ବାଚନ ମଣ୍ଡଳୀରେ ମୋଟ୍ ୪୦.୫୧% ମତଦାନ ହୋଇଥିଲା । ଏଥିମଧ୍ୟରୁ ବାଲେଶ୍ୱରରେ ୪୧.୩୬% ଓ ତିର୍ତୋଲ ନିର୍ବାଚନ ମଣ୍ଡଳୀରେ ୩୯.୬୮% ମତଦାନ ହୋଇଥିଲା । ଅପରାହ୍ଣ ୩ଟା ସୁଦ୍ଧା ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ମୋଟ୍ ୫୫.୦୪ ପ୍ରତିଶତ ଭୋଟ୍ ହୋଇଥିଲା । ଏହି ସମୟ ସୁଦ୍ଧା ବାଲେଶ୍ୱର ସଦରରେ ୫୪.୮୫ ପ୍ରତିଶତ ମତଦାନ ହୋଇଥିବା ବେଳେ ତିର୍ତୋଲରେ ଏହା ୫୫.୨୩ ପ୍ରତିଶତ ରହିଛି । ସନ୍ଧ୍ୟା ୫ଟା ସୁଦ୍ଧା ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ମୋଟ୍ ୬୮.୦୮ ପ୍ରତିଶତ ମତଦାନ ହୋଇଥିଲା । ଏହି ସମୟ ସୁଦ୍ଧା ବାଲେଶ୍ୱର ସଦରରେ ମତଦାନ ହାର ୬୮.୧୯ ପ୍ରତିଶତ ରହିଥିବା ବେଳେ ତିର୍ତୋଲରେଏହା ୬୭.୯୭ ପ୍ରତିଶତ ଥିଲା ।




▶▶ପୃଷ୍ଠା ୭

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩୮,୩୧୦ ନୂଆ ମାମଲା, ୪୯୦ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୩।୧୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୮,୩୧୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୪୯୦ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୨,୬୭,୬୨୩ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫,୪୧,୪୦୫ ଥିବା ବେଳେ ବର୍ତମାନ ସୁଦ୍ଧା ୧,୨୩,୦୯୭ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଫ୍ରାନ୍ସ ସେନାର ଏୟାର ଷ୍ଟ୍ରାଇକ୍ ରେ ୫୦ ଆତଙ୍କୀ ମୃତ !



ପାରିସ୍,୩।୧୧ (ନି.ପ୍ର): ଫ୍ରାନ୍ସରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଫ୍ରାନ୍ସ ସେନା ଏୟାର ଷ୍ଟ୍ରାଇକ୍ କରି ୫୦ ଆତଙ୍କବାଦୀଙ୍କୁ ହତ୍ୟା କରିଛି । ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ଫ୍ଲୋରେନ୍ସ ପାର୍ଲି ଦାବି କରିଛନ୍ତି ଯେ ୩୦ ଅକ୍ଟୋବରରେ ଫ୍ରାନ୍ସ ସେନା ମାଲିରେ ଏୟାର ଷ୍ଟ୍ରାଇକ କରି ପଚାଶରୁ ଅଧିକ ଆତଙ୍କବାଦୀଙ୍କୁ ହତ୍ୟା କରିଛି ଏବଂ ଅନେକ ଅସ୍ତ୍ରଶସ୍ତ୍ରକୁ ନଷ୍ଟ କରାଯାଇଛି । ଏହା ବ୍ୟତୀତ ଚାରିଜଣ ଆତଙ୍କବାଦୀ ଜୀବନ୍ତ ଧରାପଡିଛନ୍ତି । ସୂଚନା ଅନୁଯାୟୀ, ଏହି ଏୟାର ଷ୍ଟ୍ରାଇକ୍ ବିଷୟରେ ଫ୍ରାନ୍ସ ସୋମବାର ଦିନ ଦେଇଥିଲା । ଏହି ସ୍ଥାନରୁ ବିସ୍ଫୋରକ, ଆତ୍ମହତ୍ୟା ଓ୍ୱେଷ୍ଟ ଏବଂ ଅନ୍ୟାନ୍ୟ ଜିନିଷ ମିଳିଛି । ’ ଉଲ୍ଲେଖ୍ୟଯୋଗ୍ୟ ଯେ ଫ୍ରାନ୍ସରେ ପୈଗମ୍ବର ମହମ୍ମଦଙ୍କ କାର୍ଟୁନ୍ ତିଆରିକୁ ନେଇ ବିବାଦ ପରେ ଅନେକ ସହରରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ପ୍ୟାରିସରେ ଏବଂ ପରେ ନାଇସରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା ଯେଉଁଥିରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଥିଲା । ଏଥି ସହ ଚର୍ଚ୍ଚର ପୁରୋହିତଙ୍କୁ ମଧ୍ୟ ଛୁରୀରେ ଆକ୍ରମଣ କରାଯାଇଥିଲା ।ଏହା ବ୍ୟତୀତ ଅଷ୍ଟ୍ରିଆରେ ମଧ୍ୟ ଆତଙ୍କବାଦୀ ଆକ୍ରମଣ ହୋଇଥିଲା । କାର୍ଟୁନ୍ ବିବାଦକୁ ନେଇ ଫ୍ରାନ୍ସ ଏବଂ ମୁସଲିମ ଦେଶମାନଙ୍କରେ ବିବାଦ ଦେଖାଦେଇଛି ।

## ମଦ ବିରୋଧରେ ମନ୍ତବ୍ୟ ଦେବାରୁ ଯୁବକକୁ ମରଣାନ୍ତକ ଆକ୍ରମଣ

ଜଳେଶ୍ୱର, ୩/୧୧ (ନିପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାର୍ଡ ପଂଚାୟତର ଦେବକୁମାର ଠାରେ ଏକ ସରକାରୀ ମଦଦୋକାନ ରହିଛି । କେତେକ ଯୁବକ ସେଠାରୁ ମଦ ଆଣି ଚୋରାରେ ବିକ୍ରି କରି ଆସୁଛନ୍ତି । ଗତ ସୋମବାର ସନ୍ଧ୍ୟାରେ ଦେବକୁମାର ଗାଁର ମୂରଲୀ ଜେନା, ରାଜେନ୍ଦ୍ର ଜେନା ଓ ଅଜୟ ଜେନା ବିଦେଶୀ ମଦ ବ୍ୟାଗ୍‌ରେ ଧରି କେତେକ ସ୍ଥାନରେ ବିକ୍ରି କରୁଥିବା ବେଳେ ସେହି ଗାଁର ସୃଷ୍ଟିଧର ଜେନାଙ୍କ ପୁଅ ବନମାଳୀ ଜେନାଙ୍କ ପୁଅକୁ ସେମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି । ଘଟଣାସ୍ଥଳରେ ବନମାଳୀ ପାଟିଶୁଣୀ ଗାଁ ଲୋକେ ଜମିଥିଲେ ଓ ୧୦୮ ଆମ୍ବୁଲାନ୍ସ ଡକାଇ ବନମାଳୀକୁ ଜଳେଶ୍ୱରସ୍ଥିତ ଜିକେଭଟ୍ଟର ହସ୍‌ପିଟାଲକୁ ନେଇ ଥିଲେ । ସେଠାରେ ସେ ଚିକିସ୍ାଧିନ ଥିବାର ଜଣାଯାଇଛି ।

# ଦୀପାବଳିରେ ବାଣ ବିକ୍ରି ଓ ଫୁଟାଇବା ମନା

## ନଭେମ୍ବର ୧୦ରୁ ୩୦ ଯାଏଁ କଟକଣା , ଅମାନ୍ୟ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୩।୧୧ (ନି.ପ୍ର): ଏଥର ଦୀପାବଳିରେ ଫୁଟିବନି ବାଣ । ବାଣ ବିକ୍ରି ମଧ୍ୟ ବନ୍ଦ ରହିବ । ସାରା ରାଜ୍ୟରେ ଏହି କଟକଣା ଲାଗିବ । ନଭେମ୍ବର ୧୦ରୁ ୩୦ପର୍ଯ୍ୟନ୍ତ କଟକଣା ବଳବତର ରହିବ । ଏହାକୁ ଅମାନ୍ୟ କଲେ ଦଣ୍ଡିତ କରାଯିବ । ମଙ୍ଗଳବାର ଦିନ ଏସଆରସି ଏସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତେବେ ଆଲୋକର ପର୍ବ ଦୀପାବଳିକୁ ପାରମ୍ପରିକ ଭାବେ ମାଟି ଦୀପ, ମହମବୀ ତଥା ଅନ୍ୟ ଆଲୋକୀକରଣ ପଦାର୍ଥ ଦ୍ୱାରା ପାଳନ କରାଯାଇପାରିବ । କରୋନା ସଂକ୍ରମଣ ଦୃଷ୍ଟିରୁ ଚଳିତ ବର୍ଷ ଦୀପାବଳି ଅବସରରେ ବାଣ ବିକ୍ରୀ ଓ ବାଣ ଫୁଟିବା ଉପରେ କଟକଣା ଜାରି କରିଛନ୍ତି ରାଜ୍ୟ ସରକାର । ଏସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ କୋଭିଡ୍ ୧୦ ମହାମାରୀ ସମୟରେ ବାଣ ଫୁଟାର ଫଳାଫଳ ଏବଂ ଶୀତ ଦିନରେ ସଂକ୍ରମଣ ବୃଦ୍ଧି ଆଶଙ୍କାକୁ ଦୃଷ୍ଟିରେ ରଖି ଓଡିଶା ସରକାର ବାଣ ବିକ୍ରୀ ଓ ବାଣ ଫୁଟାଇବାକୁ ନିଷିଦ୍ଧ କରିଛନ୍ତି । ନଭେମ୍ବର ୧୪ ତାରିଖରେ ଦୀପାବଳି ପଡୁଥିବାରୁ ନଭେମ୍ବର ୧୦ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ । କୌଣସି ବ୍ୟକ୍ତି ଏହାର ଅବମାନନା କଲେ ବିପର୍ଯ୍ୟୟ ପରିଚାଳନା ଆଇନ୍ ,୨୦୦୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ, ପ୍ରଶାସନ ଓ ପୋଲିସ୍ କୁ ନିର୍ଦ୍ଦେଶ ଦିଆଯାଇଛି ।



▶▶ପୃଷ୍ଠା ୭

# ବିଶିଷ୍ଟ ଶିକ୍ଷାବିତ ଡଃ ବଂଶୀଧର ତ୍ରିପାଠୀଙ୍କ ପରଲୋକ

ଭୁବନେଶ୍ୱର,୩।୧୧ (ନି.ପ୍ର): ଓଡିଶାର ଜଣେ ପ୍ରଖ୍ୟାତ ଶିକ୍ଷାବିତ୍, ପୂର୍ବତନ ଶିକ୍ଷା ଗବେଷଣାର ଯୁଗ୍ମ ନିର୍ଦ୍ଦେଶକ ତଥା ରେଭେନ୍‌ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଆଦର୍ଶ ଶିକ୍ଷକ ପ୍ରଫେସର ଡଃ ବଂଶୀଧର ତ୍ରିପାଠୀଙ୍କର ଗତକାଲି ରାତି ୯ ଘଂଟା ୩୪ ମିନିଟ୍‌ରେ ପରଲୋକ ଘଟିଛି । ସେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ମଙ୍ଗଳବାର ପୂର୍ବାହ୍ନରେ ସତ୍ୟନଗର ଶ୍ମଶାନରେ ଅନ୍ତ୍ୟେଷ୍ଟି କାର୍ଯ୍ୟ କରାଯାଇଥିଲା । ଡଃ ତ୍ରିପାଠୀଙ୍କ ତିନି ଝିଅ ଡଃ ବିମୋଚପ୍ରଜ୍ଞା, ବିୟୋତ୍‌ପ୍ରଜ୍ଞା ଓ ବିଜ୍ଞାନପ୍ରଜ୍ଞା ଓ ତିନି ଜ୍ୱାଇଁ ଉପସ୍ଥିତ ଥିଲେ । ଡଃ ତ୍ରିପାଠୀ ୧୯୩୩ ମସିହାରେ ଗଞ୍ଜାମ ଜିଲ୍ଲା କ୍ଷେତ୍ରିୟବରପୁର ଠାରେ ଜନ୍ମଗ୍ରହଣ କରିଥିଲେ । ଡଃ ତ୍ରିପାଠୀଙ୍କ ବିୟୋଗରେ ତାଙ୍କର ଛାତ୍ର ତଥା ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଗଭୀର ଶୋକ ପ୍ରକାଶ କରି ଏକ ଶୋକବାର୍ତାରେ କହିଛନ୍ତି ଯେ ଓଡିଶାର ଶିକ୍ଷା ଜଗତରେ ଡଃ ତ୍ରିପାଠୀ ଥିଲେ ଜଣେ ଉତୁଙ୍ଗ ବ୍ୟକ୍ତିତ୍ୱ । ୧୯୭୫ ମସିହାରେ ଶିକ୍ଷାରେ ମନୋବିଜ୍ଞାନ ଉପରେ ଋଷିଆ ଦେଶର ଲେଲିନ୍ ଗ୍ରାଡ୍ ବିଶ୍ୱ ବିଦ୍ୟାଳୟରୁ ଗବେଷଣା କରି ପି.ଏଚ୍.ଡି. ଡିଗ୍ରୀ ଲାଭ କରିଥିଲେ ।

▶▶ପୃଷ୍ଠା ୭

# ନିର୍ବାଚନୀ ସଭାରେ ନୀତୀଶଙ୍କ ଉପରେ ପିଆଜ ମାଡ




ପାଟନା,୩।୧୧ (ନି.ପ୍ର): ବିହାର ବିଧାନସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟ ପାଇଁ ପ୍ରଚାର କରୁଥିବା ବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପରେ ପିଆଜ କମାଡ ହୋଇଛି । ମଙ୍ଗଳବାର ଦିନ ନୀତୀଶ କୁମାର ମଧୁବନୀର ହରଲାଖୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ରାଲିରେ ସମ୍ବୋଧିତ କରୁଥିବା ବେଳେ ଭିଡ ଭିତରୁ ତାଙ୍କ ଉପରେ ପିଆଜ ଏବଂ ପଥର ଖଣ୍ଡ ଫିଙ୍ଗା ଯାଇଥିଲା । ମଦ ଖୋଲାଖୋଲି ଭାବେ ବିକ୍ରି ହେଉଛି, ଚୋରା ଚାଲାଣ ହେଉଛି କିନ୍ତୁ ଆପଣ କିଛି କରିପାରୁନାହାନ୍ତି ବୋଲି ପଥର ଫିଙ୍ଗିଥିବା ବ୍ୟକ୍ତି ସ୍ଲୋଗାନ୍ ଦେଇଥିଲେ । ଏହି ସମୟରେ ନୀତୀଶ କୁମାରଙ୍କ ସୁରକ୍ଷା କର୍ମୀ ଉକ୍ତ ବ୍ୟକ୍ତିଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେ ଆହୁରି ଫିଙ୍ଗ ବୋଲି କହିଥିଲେ ଏବଂ ସମ୍ବୋଧନ ଜାରି ରଖିଥିଲେ ।

▶▶ପୃଷ୍ଠା ୭

# ଏକାମ୍ର ଉଦ୍ୟାନକୁ ବିକ୍ରୀ କରିବାକୁ ଦିଆଯିବ ନାହିଁ : ସୁରେଶ ରାଉତରାୟ

ଭୁବନେଶ୍ୱର,୩।୧୧ (ନି.ପ୍ର): ଭୁବନେଶ୍ୱରର ଶୋଭା ବର୍ଦ୍ଧନ ଏବଂ ଉଦ୍ୟାନ କୃଷିର ପ୍ରଗତି ପାଇଁ ୧୯୮୦ ଦଶକରେ ତତ୍କାଳୀନ କଂଗ୍ରେସ ସରକାରର ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ୨୬ ଏକର ପରିମିତ ଏକାମ୍ର ପାର୍କ ପ୍ରତିଷ୍ଠା କରିଥିଲେ । ଏହାକୁ ଏବେ ବିକ୍ରୀ କରିବା ପାଇଁ ବା ହଡପ କରିବା ପାଇଁ ନବୀନ ପଟ୍ଟନାୟକ ସରକାର ଯେଉଁ ଚକ୍ରାନ୍ତ କରୁଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଅମୀୟ କୁମାର ପଟ୍ଟନାୟକ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ୍ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ଏହି ପାର୍କରେ ବିଭିନ୍ନ ପ୍ରକାର ଉଦ୍ୟାନ ଭିତିକ ବୃକ୍ଷଲତା ରୋପଣ କରାଯାଇ ଚାଷୀଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ଫୁଲ, ଫଳ ଚାରା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ଥିଲା । ଯାହାକି ୩୦ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ଯଥା ଆମ୍ବ, କାଜୁ, ଅର୍କିଟ୍, ସେପେଟା, ସପୁରୀ ଓ ଗୋଲାପ ଆଦି ବହୁ ମୂଲ୍ୟବାନ ଫୁଲ ଗଛ ଲଗା ଯାଇଥିଲା । ଏତଦ୍‌ବ୍ୟତୀତ ଉନ୍ନତମାନର ପଲ୍ଲୀ ହାଉସ ଏବଂ ଉଦ୍ୟାନ ନିର୍ଦ୍ଦେଶାଳୟ ପରିସରରେ ଉଦ୍ୟାନ ଫ୍ରେସ୍ ପ୍ରଭୃତିରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଏହାର ଭିତିଭୂମିକୁ ସୁଦୃଢ଼ କରାଯାଇଥିଲା । ଏହା ଏକ ସଫଳ କାର୍ଯ୍ୟକ୍ରମ ହୋଇଥିଲା । ମାତ୍ର ନବୀନ ସରକାର ଦୀର୍ଘ ୨୦ ବର୍ଷ ଧରି ଏହାର ରକ୍ଷଣାବେକ୍ଷଣ କଲେନାହିଁ । ଏବେ ରାଜ୍ୟ ସରକାର ଗତ ୧୩ ତାରିଖ ଦିନ ଏଠାରେ ଥିବା ୨୬ ଏକର ଜାଗାରୁ ୨୦ ଏକର ୯୦ ଡେସିମିଲ ଜାଗାକୁ ଜି.ଏ. ଡିପାର୍ଟମେଂଟକୁ ହସ୍ତାନ୍ତର କରିବା ପାଇଁ ସହକାରୀ ଉଦ୍ୟାନ ନିର୍ଦ୍ଦେଶକଙ୍କୁ ପତ୍ରାଳାପ କରିଛନ୍ତି । ବର୍ତମାନ ଏହି ସମଗ୍ର ଜମିକୁ ରାଜ୍ୟ ସରକାର



▶▶ପୃଷ୍ଠା ୭

# କରୋନାରୁ ସୁସ୍ଥ ହେଲେଣି ୨ ଲକ୍ଷ ୮୦ ହଜାର

ଭୁବନେଶ୍ୱର,୩।୧୧ (ନି.ପ୍ର): ରାଜ୍ୟରେ ଆଜି ୧,୪୬୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୨ ଲକ୍ଷ ୮୦ ହଜାର ୫୫୩କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୭୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକ ଜିଲ୍ଲାରୁ ୧୨୮ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦୪ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୭୭ ଜଣ, ଅନୁଗୁଳ ଜିଲ୍ଲାରୁ ୭୨ ଜଣ, ବଲାଙ୍ଗୀର ଜିଲ୍ଲାରୁ ୬୫ ଜଣ, ପୁରୀ ଜିଲ୍ଲାରୁ ୫୬ ଜଣ, ବାଲେଶ୍ୱର, ଝାରସୁଗୁଡ଼ା ଜିଲ୍ଲାରୁ ୫୪ ଜଣ ଲେଖାଏଁ, ବରଗଡ଼, ଜଗତସିଂହପୁର ଜିଲ୍ଲାରୁ ୫୩ ଜଣ ଲେଖାଏଁ, ନବରଂଗପୁର ଜିଲ୍ଲାରୁ ୪୭ ଜଣ, ଯାଜପୁର, ମୟୂରଭଂଜ ଜିଲ୍ଲାରୁ ୪୨ ଜଣ ଲେଖାଏଁ ଓ କେନ୍ଦୁଝର ଜିଲ୍ଲାରୁ ୪୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିଭଳି ଗଂଜାମ ଜିଲ୍ଲାରୁ ୩୯ ଜଣ, ନୂଆପଡ଼ା ଜିଲ୍ଲାରୁ ୩୬ ଜଣ, କଳାହାଣ୍ଡି ଜିଲ୍ଲାରୁ ୩୪ ଜଣ, ବୌଦ୍ଧ, ସମ୍ବଲପୁର ଜିଲ୍ଲାରୁ ୩୨ ଜଣ ଲେଖାଏଁ, ମାଲକାନଗିରି ଜିଲ୍ଲାରୁ ୨୭ ଜଣ, ଭଦ୍ରକ ଜିଲ୍ଲାରୁ ୨୫ ଜଣ, କୋରାପୁଟ, ନୟାଗଡ଼ ଜିଲ୍ଲାରୁ ୨୪ ଜଣ ଲେଖାଏଁ, ଦେବଗଡ଼ ଜିଲ୍ଲାରୁ ୧୬ ଜଣ, ଢେଙ୍କାନାଳ, କନ୍ଧମାଳ, ସୁବର୍ଣ୍ଣପୁର ଜିଲ୍ଲାରୁ ୧୫ ଜଣ, ଗଜପତି ଜିଲ୍ଲାରୁ ୭ ଜଣ ଓ ରାଜ୍ୟପୁଲରୁ ୬୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।



## କୋଭିଡ୍ ରୁ ସୁସ୍ଥ ବ୍ୟକ୍ତିଙ୍କ ଠାରେ ପୁନର୍ବାର ଲକ୍ଷଣ ଦେଖାଗଲେ ଡାକ୍ତର ପରାମର୍ଶ କରନ୍ତୁ

ଭୁବନେଶ୍ୱର,୩।୧୧ (ନି.ପ୍ର): କାଭିଡରୁ ଆରୋଗ୍ୟ ଲାଭ କରିଥିବା ଲୋକମାନଙ୍କୁ ପୁଷ୍ଟିକର ଖାଦ୍ୟ ଖାଇବା, ଉଷୁମ ପାଣି ପିଇବା, ବାମ୍ଫ ନେବା, ଯୋଗ ଓ ପ୍ରାଣାୟମ ପରି ବ୍ୟାୟାମ ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦିଆଯାଇଛି । ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା, ଗୋପବନ୍ଧୁ ଆୟୁର୍ବେଦିକ ମେଡିକାଲ କଲେଜର ପ୍ରଫେସର ଡାକ୍ତର ଜିତେନ୍ଦ୍ର ସାମଲ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ଲୋକମାନଙ୍କ ପ୍ରଶ୍ନର ଉତର ଦେଇ ସତର୍କତାମୂଳକ ପଦକ୍ଷେପଗୁଡ଼ିକ ଉପରେ ପରାମର୍ଶ ଦେଇଛନ୍ତି । ଏହା ବ୍ୟତୀତ ଯେଉଁ ବ୍ୟକ୍ତିଙ୍କଠାରେ ପୁନର୍ବାର ଲକ୍ଷଣ ଦେଖା ଦେଉଛି କିମ୍ବା ଅନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି ସେମାନେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ ଦିଆଯାଇଛି ।

## ବାଣ ବିକ୍ରି ଓ ଫୁଟାଇବା ବନ୍ଦ ନିଷ୍ପତିକୁ ସ୍ୱାଗତ

ଭୁବନେଶ୍ୱର,୩।୧୧ (ନି.ପ୍ର): ଆସନ୍ତା ଦୀପାବଳୀରେ ରାଜ୍ୟ ସରକାରଙ୍କର ବାଣ ଫୁଟାଇବା ଓ ବିକ୍ରି ବନ୍ଦ ନିଷ୍ପତିକୁ ସ୍ୱାଗତ କରିଛନ୍ତି ସମାଜସେବୀ ତଥା ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା । ସେ ଆହୁରି ମଧ୍ୟ କହିଛନ୍ତି ଯେ, କରୋନା ମହାମାରୀରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ସାଧାରଣ ଜନତା ମଧ୍ୟ ନିଜ ପକ୍ଷରୁ ଚଳିତ ବର୍ଷ ନିରାଡ଼ମ୍ବର ଭାବରେ ନିଜ ନିଜ ଘରେ ଦୀପାବଳୀ ପାଳନ କରନ୍ତୁ ।

# ସିବିଏସ୍ଇ ପ୍ରତିଯୋଗିତାରେ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା

ରାୟଗଡ଼ା,୩।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲାର ଦୋରାଗୁଡ଼ା ସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍ ସ୍ଥାପିତ ହେବା ପରଠାରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପାଠପଢ଼ା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ବିଦ୍ୟାଳୟ ପାଇଁ ଅନେକ ସୁନାମ ଆଣିଛନ୍ତି। ନିକଟରେ ସିବିଏସ୍ଇ ଇଂଲିଶ ରିଡିଂ ଚ୍ୟାଲେଞ୍ଜ୍୨୦୧୯-୨୦ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଏହି ସ୍କୁଲର ଦୁଇ ଜଣ ବିଦ୍ୟାର୍ଥୀ ସ୍କୁଲ୍ ପାଇଁ ଗୌରବ ଆଣିଛନ୍ତି। ଏହି ଚ୍ୟାଲେଞ୍ଜ୍ର ଫଳ ୨୦୨୦ ଅକ୍ଟୋବର ୨୬ରେ ପ୍ରକାଶ ପାଇଥିଲା। ମାଷ୍ଟର ରିତାୟନ୍ ମିଶ୍ର (ନବମ ଶ୍ରେଣୀ) ଓ ମାଷ୍ଟର ଆଦର୍ଶ ପାଣ୍ଡେ (ଦଶମ ଶ୍ରେଣୀ) ସିବିଏସ୍ଓ ପକ୍ଷରୁ ୨୦୨୦ ଫେବ୍ରୁଆରିରେ ଆୟୋଜନ କରାଯାଇଥିବା ଇଂଲିଶ ରିଡିଂ (ପଢ଼ିବା) ଚ୍ୟାଲେଞ୍ଜ୍ରେ ଚିତାକର୍ଷକ ପ୍ରଦର୍ଶନ କରି ସ୍କୁଲ୍ ପାଇଁ ଗୌରବ ଆଣିଛନ୍ତି ବୋଲି ପ୍ରିନ୍ସିପାଲ୍ ଶ୍ରୀଯୁକ୍ତ ଏଲ୍ ଏନ୍ ଦାଶ କହିଛନ୍ତି। ସିବିଏସ୍ଇ ପକ୍ଷରୁ ଆୟୋଜନ କରାଯାଇଥିବା ଲିଖିତ ପରୀକ୍ଷାରେ ଅନୁଷ୍ଠିତ ଅନଲାଇନ୍ ପରୀକ୍ଷାରେ ୫୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କ ବୁଝିବା, ହସ୍ତକ୍ଷେପ କରିବା, ଶବ୍ଦକୋଷ, ଅନୁଶୀଳନ ଏବଂ ପ୍ରତିଫଳନ ଦକ୍ଷତା ଜାଣିବା ପାଇଁ ସେମାନଙ୍କୁ ବିବିଧ ପ୍ରଶ୍ନର ଉତର ଦେବାକୁ ପଡ଼ିଥିଲା ବୋଲି ଶ୍ରୀଯୁକ୍ତ ଦାଶ କହିଛନ୍ତି। ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଂଗ (ଭୁବନେଶ୍ୱର ଅଂଚଳ)ର ସମସ୍ତ ସିବିଏସ୍ଇ ସ୍କୁଲ୍ ମଧ୍ୟରେ ଏବିପିଏସ୍ର ଦୁଇ ଜଣ ଛାତ୍ରଛାତ୍ରୀ ୧୨ ଜଣ ବିଜେତାଙ୍କ ମଧ୍ୟରେ ସ୍ଥାନ ସୁରକ୍ଷିତ କରିଥିଲେ। ସ୍କୁଲର ଏଭଳି ଉଦାହରଣ ସୃଷ୍ଟିକାରୀ ପ୍ରଦର୍ଶନକୁ ନେଇ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଗଭୀର ସନ୍ତୋଷ ପ୍ରକଟ କରିଛନ୍ତି। ଶ୍ରୀଯୁକ୍ତ ଏନ୍ ନାଗେଶ, ୟୁନିଟ୍ ମୁଖ୍ୟ ଓ ସଭାପତି, ୟୁଏଆଇଏଲ, ଦୋରାଗୁଡ଼ା ଏହି ଉଲ୍ଲେଖନୀୟ ସଫଳତା ପାଇଁ ବିଜେତା, ପ୍ରିନସିପାଲ ଓ କର୍ମଚାରୀ ସମେତ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଫେସବୁକରୁ ପ୍ରେମ ବିବାହିତା ମହିଳାଙ୍କୁ ଅପହରଣ ଉଦ୍ୟମ : ଯୁବକ ଗିରଫ

ଗଞ୍ଜାମ,୩।୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଲାଞ୍ଜିପଲ୍ଲୀରେ ଜଣେ ବିବାହିତାଙ୍କୁ ଫେସବୁକ ମାଧ୍ୟମରେ ପେମ ସମ୍ପର୍କ ରଖି ପରେ ଫସାଇ ଅପହରଣ ଉଦ୍ୟମ କରିବା ଅଭିଯୋଗରେ ଅଭିଯୁକ୍ତ ଯୁବକକୁ ପୋଲିସ ଗିରଫ କରିଛି । ଲାଞ୍ଜିପଲ୍ଲୀ ଅଂଚଳର ଜଣେ ମହିଳା ପ୍ରାୟ ୭ରୁ ୮ ମାସ ହେବ ନିଜ ସ୍ୱାମୀଙ୍କ ସହିତ ଝଗଡ଼ା କରି ବାପଘରକୁ ଚାଲି ଆସିଥିଲେ । ୩ ବର୍ଷ ପୂର୍ବେ ପଶ୍ଚିମବଙ୍ଗର ମୁର୍ଶିଦାବାଦର ଜଣେ ଯୁବକଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଦୁଇ ଦିନ ପୂର୍ବେ ଏହି ଯୁବକ ଜଣକ ଲାଞ୍ଜିପଲ୍ଲୀ ଅଂଚଳକୁ ଆସି ମହିଳାଙ୍କୁ ନିଜ ଗ୍ରାମକୁ ନେବାକୁ ଚେଷ୍ଟା କରିଥିଲେ । ଏନେଇ ମହିଳାଙ୍କ ଭାଇ ବୈଦ୍ୟନାଥପୁର ଥାନାରେ ଏତଲା କରିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ରାଜୁ ମିଶ୍ରଙ୍କ ବିୟୋଗରେ ବିଷୁବ ମିଳନ ସମିତିର ଶୋକ



ଖୋର୍ଦ୍ଧା,୩।୧୧ (ନି.ପ୍ର): ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା କ୍ୟାମେରାମ୍ୟାନ୍ ରାଜୁ ମିଶ୍ରଙ୍କ ବିୟୋଗରେ ଖୋର୍ଦ୍ଧା ବିଷୁବ ମିଳନ ସମିତି ପକ୍ଷରୁ ଏକ ଶୋକସଭା ବିଷୁବ ମିଳନ ସମିତିର ସଭାପତି ବରିଷ୍ଠ ସାହିତ୍ୟିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ବକ୍ସି ଜଗବନ୍ଧୁ ନଗର ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଂକ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ବିଷୁବ ମିଳନ ସମିତିର ସଂପାଦକ ଜ୍ଞାନରଂଜନ ଦାଶ ଗତବର୍ଷ ବିଷୁବ ମିଳନ ଉତ୍ସବର ସ୍ମୃତିଚାରଣ କରି କହିଥିଲେ ଯେ, ସ୍ୱର୍ଗତ ମିଶ୍ର ଉତ୍ସବର ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଏହି ଅବସରରେ କଳାଜ୍ୟୋତି ସମ୍ମାନରେ ତାଂକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜନ୍ମମାଟି ଭାବେ ଜଟଣୀ ଓ ଖୋର୍ଦ୍ଧା ଅଂଚଳ ପ୍ରତି ତାଂକର ବିଶେଷ ମୋହ ରହିଥିଲା। ସାହିତ୍ୟ ଓ ଚଳଚ୍ଚିତ୍ର ସଂପର୍କରେ ସେ ଏକ ସାରଗର୍ଭକ ଭାଷଣ ଦେଇଥିଲେ। ତାଂକର ବିୟୋଗ ବିଷୁବ ମିଳନ ସମିତିର ସମସ୍ତ ସଦସ୍ୟଙ୍କୁ ମର୍ମାହତ କରିଛି। ଏହି ଶୋକସଭାରେ ବରିଷ୍ଠ ଶିକ୍ଷାବିତ୍ ଭାଗିରଥୀ ରାଉତରାୟ, ପ୍ରମୋଦ ପୃଷ୍ଟି, ଉଲ୍ଲାସ ପୃଷ୍ଟି, ବିରଂଚି ଚହଟରାୟ, ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ଗୁଣାବଳୀ ସଂପର୍କରେ ସ୍ମୃତିଚାରଣ କରିଥିଲେ।

## ପ୍ଲାଜମା ଦାନ କଲେଣି ୬୦୦ ପୋଲିସ୍ କର୍ମଚାରୀ

ଭୁବନେଶ୍ୱର,୩।୧୧ (ନି.ପ୍ର): କରୋନାରୁ ସୁସ୍ଥ ହୋଇଥିବା ଓଡିଶା ପୋଲିସ୍‌ରେ କାର୍ଯ୍ୟରତ ୬୦୦ ଜଣ କରୋନା ଯୋଦ୍ଧା ଏପର୍ଯ୍ୟନ୍ତ ପ୍ଲାଜମା ଦାନ କରିଛନ୍ତି। ରାଜ୍ୟରେ ଥିବା ବିଭିନ୍ନ ପ୍ଲାଜମା ସଂଗ୍ରହ କେନ୍ଦ୍ର ଯଥା କଟକ ଏସସିବି , ରାଉରକେଲାର ଆଇଜିଏଚ୍ , ବୁର୍ଲାର ଭିମସାର, ବ୍ରହ୍ମପୁରର ଏମକେସିଜି , ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ଏବଂ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ କରୋନା ଯୋଦ୍ଧାମାନେ ପ୍ଲାଜମା ଦାନ କରିଥିବା ପୋଲିସ୍ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ରେଡ଼କ୍ରସ ବ୍ଲଡ଼ ବ୍ୟାଙ୍କ ଡ଼ା ପ୍ରଶାନ୍ତ ଦାସଙ୍କ ବିୟୋଗରେ ଶୋକ

ବାରିପଦା,୩।୧୧ (ନି.ପ୍ର): ବାରିପଦା ରେଡ଼କ୍ରସ ରକ୍ତ ଭଣ୍ଡାର ଅଧିକାରୀ ଡ଼ା ପ୍ରଶାନ୍ତ ଦାସଙ୍କର ଗତକାଲି ରାତିରେ କରୋନାରେ ଆକ୍ରାନ୍ତ ଥାଇ ମୃତ୍ୟୁ ହୋଇଛି । ତାଙ୍କ ଅମର ଆତ୍ମାର ସଦଗତି କାମନା ସହ ପରିବାର ବର୍ଗଙ୍କୁ ସାହସ ଓ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ସାମାଜିକ ଗଣମାଧ୍ୟରେ ବିଭିନ୍ନ ମହଲରୁ ଶୋକ ବକ୍ତ କରାଯାଇଛି । ତେବେ ବାରିପଦା ରକ୍ତ ଭଣ୍ଡାରର ଡ଼ାଦାସ ତାଙ୍କର ଶାନ୍ତ , ସରଳ, ଅମାୟିକ ଆଚରଣ କାରଣରୁ ଜନସାଧାରଣରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଏହିପରି ଜଣେ ଦକ୍ଷ ଓ କର୍ତବ୍ୟ ନିଷ୍ଠ ଡ଼ାକ୍ତରଙ୍କ ବିୟୋଗରେ ଜିଲ୍ଲାରେ ଏକ ଶୋକାକୋଳ ପରିବେଶ ସୃଷ୍ଟି ହୋଇଥିଲା ଏବଂ ବିଭିନ୍ନ ମହଲରୁ ତାଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକ ବ୍ୟକ୍ତ କରାଯାଇଥିବାର ଜଣାପଡ଼ିଛି ।

## ନଳକୂପ ମରାମତୀ ପାଇ ଗ୍ରାମବାସୀଙ୍କ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ନୂଆପଡା,୩।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଡୁଆଝର ପଂଚାୟତ ଅନ୍ତର୍ଗତ ସମସେରପଦର ଗ୍ରାମବାସୀ ନଳକୂପ ମରାମତୀ ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ସୂଚନାମତେ ସମସେରପଦର ଗ୍ରାମରେ ଦୀର୍ଘ ୨ ମାସରୁ ଅଧିକ ହେବ ଗ୍ରାମରେ ଥିବା ୨ ଗୋଟି ନଳକୂପ ଅଚଳ ହୋଇପଡିଛି । ଫଳରେ ଗ୍ରାମର ମହିଳା ମାନେ ନିକଟସ୍ଥ ପୋଖରୀ ଓ ପରିତ୍ୟକ୍ତ କୂଅରୁ ପାନୀୟ ଜଳ ସଂଗ୍ରହ କରି ଆସୁଛନ୍ତି । ନଳକୂପ ମରାମତୀ ଦେଇ ଗ୍ରାମବାସୀ ଦୀର୍ଘ ଦିନରୁ ଡୁଆଝର ପଂଚାୟତର ସରପଂଚ କମଳିନୀ ମେହେରଙ୍କୁ ଅଭିଯୋଗ କରି ଆସୁଛନ୍ତି । କିନ୍ତୁ ସେ ବିଭିନ୍ନ ବାହାନ ଦେଖାଇ ନଳକୂପ ମରାମତୀରେ କୌଣସି ପ୍ରକାରର ସହଯୋଗ କରିନଥିଲେ । ଶେଷରେ ଗ୍ରାମବାସୀ ନଳକୂପ ମରାମତୀ ନେଇ ବାରମ୍ବାର ସରପଂଚଙ୍କୁ କହିବାରୁ ଟଙ୍କା ବଦଳରେ ଭୋଟ ଦେଇଛ, ନଳକୂପ ମରାମତୀ କରାଯିବ ନାହିଁ ତୁମେ ବିଡିଓ କିମ୍ବା ଜିଲ୍ଲାପାଳଙ୍କ ପାଖକୁ ଯାଅ ବୋଲି କହିଥିଲେ । ଶେଷରେ ଗ୍ରାମର ଶତାଧିକ ପୁରୁଷ/ମହିଳା ଅନ୍ୟ ଉପାୟ ନପାଇ ଖଡିଆଳ ବ୍ଲକ କାର୍ଯ୍ୟାଳୟକୁ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ନଳକୂପ ମରାମତୀ ନହେବା ପର୍ଯ୍ୟନ୍ତ ଧାରଣରୁ ଉଠିବୁ ନାହିଁ ବୋଲି ଜିଦ ଧରିଥିଲେ । ଘଟଣାସ୍ଥଳରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉ ମ କୁମାର ବାଗ ପହଂଚି ନଳକୂପ ମରାମତୀ କରାଯିବାର ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଆଜିର ଏହ ଧାରଣାରେ ପୂର୍ଣ୍ଣମୀ ନାଏକ, କିରଣ ମାଝୀ, କୁନ୍ତି ମାଝୀ, ରେବତୀ ମାଝୀ, କାନ୍ତ ନାଏକ, କିରଣ ମାଝୀ, ସୂର୍ଯ୍ୟକାନ୍ତି ମାଝୀ, ୱାର୍ଡସଭ୍ୟ ଧନୁର୍ଦ୍ଧର ମାଝୀ, ବିଘ୍ନେଶ୍ୱର ମାଝୀ, ଦଶମୁ ମାଝୀ, ରାଜେନ୍ଦ୍ର ମାଝୀ, ଇନ୍ଦ୍ର ମାଝୀ, ସୁବ୍ରତ ମାଝୀ ପ୍ରମୁଖ ସାମିଲ ଥିଲେ ।

# ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅନୁମତି ଦାବିରେ ମେଲୋଡି ମାଲିକ, କଳାକାରଙ୍କ ବିକ୍ଷୋଭ




ଭଦ୍ରକ,୩।୧୧ (ନି.ପ୍ର): କୋବିଡ କଟକଣାକୁ ପାଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଅନୁମତି ପ୍ରଦାନ କରିବା ଦାବି ନେଇ ଭଦ୍ରକ ଜିଲ୍ଲାର ବିଭିନ୍ନ ମେଲୋଡି ପାର୍ଟିର ମାଲିକ, କଳାକାର, ବାଦ୍ୟକାର, ନୃତ୍ୟଶିଳ୍ପୀ, ମାଇକ ଅପରେଟର, ବିଦ୍ୟୁତ ପରିଚାଳକମାନେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖଷର ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲ୍ଲପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମେଲୋଡି ପାର୍ଟି ମାନେ ବିଭିନ୍ନ ପୂଜା, ପାର୍ବଣ, ବ୍ରତରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ ଶୋଭାଯାତ୍ରାରେ ସଂଗୀତ ପରିବେଷଣ, ବିବାହ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ସଭା ସମିତିରେ ଜାତୀୟ ସଂଗୀତ, ପ୍ରାରମ୍ଭିକ ସଂଗୀତ ଆଦି ଗାନ କରି ଜୀବିକା ନିର୍ବାହ କରୁଥିଲେ। ଗୋଟିଏ ଗୋଟିଏ ମେଲୋଡି ପାର୍ଟି ଅଧିନରେ ୩୦ରୁ ୫୦ଜଣ ଗାୟକ ଗାୟିକା, ବାଦ୍ୟଯନ୍ତ୍ର ଶିଳ୍ପୀ, ନୃତ୍ୟଶିଳ୍ପୀ, ମାଇକ ଅପରେଟର, ବିଦ୍ୟୁତ ଅପରେଟର ମାନେ କାର୍ଯ୍ୟ କରି ପେଟ ପୋଷୁଥିଲେ। ମାତ୍ର କରୋନା ମହାମାରୀ ଯୋଗୁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରାଯାଇଥିବାରୁ ସେମାନଙ୍କ ଜୀବିକା ବୁଡି ଯାଇଛି। ଏବେ ସମସ୍ତ ମେଲୋଡି ମାଲିକମାନେ ଘରେ ବସି ରହିଛନ୍ତି। ବ୍ୟାଙ୍କରୁ ଋଣ ଆଣି ଯନ୍ତ୍ରପାତି କିଣି ବ୍ୟବସାୟ କରୁଥିବା ବେଳେ ବ୍ୟବସାୟ ଦୀର୍ଘ ୮ ମାସ ଧରି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାରୁ ବ୍ୟାଙ୍କ କିସ୍ତି ପରିଶୋଧ କରିବା ସେମାନଙ୍କ ପାଇଁ କଠିନ ହୋଇଛି। ଯନ୍ତ୍ରପାତି ସବୁ ଘରେ ପଡି ନଷ୍ଟ ହେବାକୁ ଗଲାଣି। ତାହାକୁ ମରାମତି କରିବା ଏବେ ବହୁ କଷ୍ଟକର। ଦିନକୁ ଦୁଇବେଳା ଖାଦ୍ୟ ଯୋଗାଡ କରି ପରିବାର ପ୍ରତିପୋଷଣ ସାଙ୍ଗକୁ କର୍ମଚାରୀଙ୍କୁ ପାଖରେ ରଖିବା ଆଉ ସମ୍ଭବ ହେଉନାହିଁ। ଏବେ ସଭା ସମିତି ହେଉଛି, ଧାରଣା ଧର୍ମଘଟ ହେଉଛି, ସପିଂ ମଲ ଖୋଲି ସାରିଲାଣି। ତେବେ କୋବିଡ୍ କଟକଣା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ବାଧା କୋଉଠି ବୋଲି ବିକ୍ଷୋଭ ସ୍ଥଳରେ ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଥିଲେ। ସେମାନଙ୍କ ଦୁର୍ଦ୍ଦିନକୁ ବିଚାରକୁ ନେଇ କୋବିଡ୍ କଟକଣାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ନଚେତ ବାଧ ହୋଇ ଚରମ ପନ୍ଥା ଗ୍ରହଣ କରି ରାଜରାସ୍ତାରେ ଦିନ ବିତାଇବେ ଅଥବା ଆତ୍ମହତ୍ୟା ଭଳି ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଗୌତମ ବାରିକ, ଭାଗିରଥୀ ମୁଦୁଲି, ରାଜା ଖାଁ, ଅଜୟ ମଜୁମଦାର, ପ୍ରତାପ ବେହେରା, ଦୀପ୍ତେଶ ସାହୁ, ନିରଂଜନ ଜେନା, ହେମନ୍ତ କୁମାର ନାୟକ, ସୁବାସ ଚନ୍ଦ୍ର ଜେନା, ସେକ୍ ସାମସୁଦ୍ଦିନ ପ୍ରମୁଖ ସରକାରଙ୍କୁ ଚେତବାନୀ ଦେଇଥିଲେ।

## ଭୂଗୋଳ ବିଭାଗୀୟ ମୁଖ୍ୟ ଡ଼ଃ ଶ୍ରୀଧର ସାମଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,୩।୧୧ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଷ୍ଟାଫ କମିଟି ପକ୍ଷରୁ ଭୂଗୋଳ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ଼ଃ ଶ୍ରୀଧର ସାମଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରାଧ୍ୟାପକ ତପନ କୁମାର ପତିଙ୍କ ଅଧ୍ୟକ୍ଷତା ରେ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଡ଼ଃ ରେଜେନ୍ଦ୍ର ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି ଓ ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଡ଼ଃ ସାମଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ କାର୍ଯ୍ୟ ଦକ୍ଷତା ସଂପର୍କରେ ଆଲୋଚନା କରି କଲେଜ ପାଇଁ ତାଙ୍କର ଅବଦାନ ଉପରେ ପ୍ରଶଂସା କରିଥିଲେ । ଏହା ସହ ଡ଼ଃ ସାମଲଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ପ୍ରଫେସର ପ୍ରମୋଦ କୁମାର ଦାସ, ବିଶ୍ୱ ରଞ୍ଜନ ପୁହାଣ, ପ୍ରଫେସର ରଞ୍ଜିତ୍ କୁମାର ଦାସ, ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ଗୋଛାୟତ ଓ ସରୋଜିନୀ ମହାପାତ୍ର ପ୍ରମୁଖ ବହୁ ଅଧ୍ୟାପକ/ଅଧ୍ୟାପିକା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଡ଼ଃ ପ୍ରଭାକର ମଲିକ କାର୍ଯ୍ୟକ୍ରମ, ପରିଚାଳନା କରିଥିବା ବେଳେ ଡ଼ଃ ଦେବକାନ୍ତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ଅବକାରୀ ମାମଲା ରୁଜୁ : ୧୦୦ ଲିଟର ମଦ ଜବତ : ତିନି ଗିରଫ

ଗଞ୍ଜାମ,୩।୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ୧ ତାରିଖ ସକାଳ ଠାରୁ ୨ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ, ଜୁଆ ଆଡ୍ଡା ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୨୨ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି କୋଭିଡ୍ କଟକଣା ଭଙ୍ଗ ତଥା ମୁହଁରେ ମାସ୍କ ପିନ୍ଧିନଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ୩ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏହିପରି ଜୋରିମାନା ବାବଦକୁ ମୋଟ୍ ୨୬ ହଜାର ଟଙ୍କା ଆଦାୟ କରାଯାଇଛି । ଏହା ବ୍ୟତୀତ ୩ଟି ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇଛି। ଅଭିଯୁକ୍ତ ମାନଙ୍କ ନିକଟରୁ ୨ ଲକ୍ଷ ୨୦ ହଜାର ୪୫୦ ଟଙ୍କା ଜବତ କରାଯାଇଛି । ଏସବୁ ମାମଲାରେ ୧୪ ଜଣଙ୍କୁ ଗିରଫ କରାଯାଇଛି । ଅନୁରୂପ ଭାବେ ୨ଟି ଅବକାରୀ ମାମଲା ରୁଜୁ କରାଯିବା ସହ ଚଢ଼ଉ ବେଳେ ଅଭିଯୁକ୍ତ ମାନଙ୍କ ନିକଟରୁ ୧୦୦ ଲିଟର ମଦ ଜବତ ହୋଇଛି । ଘଟଣାରେ ତିନି ଜଣଙ୍କୁ ଗିରଫ କରିଛି ପୋଲିସ।

## ରାଉରକେଲା ଇସ୍ପାତ କାରଖାନାରେ ଠିକା ଶ୍ରମିକଙ୍କର ସନ୍ଦେହ ଜନକ ମୃତ୍ୟୁ

ରାଉରକେଲା,୩।୧୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାରେ ଆଜି ଜଣେ ଠିକା ଶ୍ରମିକଙ୍କର ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ଜଣା ପଡିଛି । ମୃତ ଶ୍ରମିକଙ୍କର ନାମ ଭିକାରୀ ଲେଙ୍କା (୪୫) ,ସେ ମେଂଟେନାନ୍ସ ଓ ସର୍ଭିସ ବିଭାଗ ଅଧିନରେ ଥିବା ଅଏଲ ରିଫାଇନାରୀ ବିଭାଗରେ କାମ କରୁଥିଲେ । ଖବରରୁ ଜଣା ପଡିଛି ଏହି ଶ୍ରମିକ ଜଣକ କାମ କରୁଥିବା ଠିକାଦାର ଙ୍କ କଥାରେ ପ୍ରତିଦିନ କାରଖାନାର ବିଭିନ୍ନ ବିଭାଗ ବୁଲି ରିଫାଇନ ଲାଗି ଆବଶ୍ୟକ ହେଉଥିବା ତେଲ ସଂଗ୍ରହ କରନ୍ତି। ଏଥିଲାଗି ଟ୍ରକ ର ଆବଶ୍ୟକ ହୋଇଥାଏ ।ତେଲ ଗୁଡିକ ଡ୍ରମ ଦ୍ୱାରା ଟ୍ରକରେ ଆସିଥାଏ । ତେବେ ଆଜି ଦିନ ସମୟରେ ସ୍ୱର୍ଗତ ଲେଙ୍କା ତେଲ ସଂଗ୍ରହ କରି ଫେରୁଥିବା ବେଳେ ଡ୍ରମ ଗୁଡିକ ଏପଟ ସେପଟ ହୋଇ ପଡିବା ସହ ଲେଙ୍କା ଙ୍କର ମୃତ ଦେହ ଟ୍ରକରେ ପଡିଥିବା ଡ୍ରାଇଭର ଦେଖି ଖବର ଦେଇଥିଲେ । ପରେତାଙ୍କ ଶରୀରକୁ ଆଇଜିଏଚ ନିଆଯିବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ପରେ ତାଙ୍କ ମର ଶରୀରକୁ ମର୍ଗ ହାଉସରେ ରଖାଯାଇଛି । ତେବେ ଏହାକୁ ବିଭିନ୍ନ ଶ୍ରମିକ ସଂଗଠନ ଦୁର୍ଘଟଣା ଜନିତ ମୃତ୍ୟୁ ବୋଲି ଆଶଙ୍କା କରୁଥିବା ବେଳେ ,ଆରଏସପି ଲୋକ ସଂପର୍କ ବିଭାଗ ମୁଖ୍ୟ ଧିରେନ୍ଦ୍ର ମିଶ୍ର କହିଛନ୍ତି ଯେ ,ଏହି ଯୁବକ ଜଣକ କାରଖାନା ଭିତରେ ରାସ୍ତା ଉପରେ ଠିଆ ହୋଇଥିବା ବେଳେ ହଠାତ ତଳେ ପଡିଯାଇଥିଲେ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲରିଛନ୍ତି ।ତେବେ ଏହି ଭଳି ଦୁଇଟି ଭିନ୍ନ ଭିନ୍ନ ପ୍ରତିକ୍ରିୟା ଆସୁଥିବାରୁ ବାସ୍ତବରେ କଣ ହୋଇଛି ତାହା ପୋଷ୍ଟମର୍ଟମ ପରେ ଜଣା ପଡିବ ବୋଲି କୁହାଯାଉଛି । ସେପଟେ ଆରଏମଏସ ନେତା ଦିଗମ୍ବର ମହାନ୍ତି କହିଛନ୍ତି ଏହି ଘଟଣା ଦିନ ସମୟରେ ଅପରାହ୍ନରେ ଘଟିଛି ,ଠିକାଦାର ବେହୁରିଆ ଏଂଟରପ୍ରାଇଜେସ କୁଆଡେ ତାଙ୍କୁ କହିଛନ୍ତି ସେ ଟ୍ରକ ରେ ଝୁଂଟି ପଡିବାରୁ ତାର ମୃତ୍ୟୁ ହୋଇଛି ।ତେବେ ଏଠାରେ ପ୍ରଶ୍ନ ହେଉଛି ଝୁଂଟି ପଡିଲେ ନାଁ , ତେଲ ଭରା ଡ୍ରମ ଗୁଡିକ ଉପରେ ବାରମ୍ବାର ମାଡ ହୋଇ ତାଙ୍କର ମୃତ୍ୟୁ ଘଟିଛି । ଯଦି କଥା ଏଇଆ ତେବେ କାମରେଥିବା ସମୟରେ ଶ୍ରମିକ ଜଣକ ମୃତ୍ୟୁ ବରଣ କରିଛନ୍ତି, ତେଣୁ ଇସ୍ପାତ କାରଖାନା କର୍ତ୍ତୁପକ୍ଷ ମୃତ ଶ୍ରମିକଙ୍କର ପରିବାରକୁ କ୍ଷତି ପୁରଣ ସହ ତାଙ୍କ ପୁଅକୁ ଚାକିରୀ ଦେବା ଦରକାର ବୋଲି ଶ୍ରୀ ମହନ୍ତି ଦାବି କରିଛନ୍ତି ।ସେହି ଭଳି ଆରଏସଏମୟୁ ନେତା କୈଳାଶ ନାୟକ ମଧ, ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଶ୍ରମିକ ଜଣଙ୍କ ପରିବାରକୁ ନ୍ୟାୟ ଦେବାକୁ ଦାବି କରିଛନ୍ତି ।

## ମହିଳାଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଗ୍ରାମବାସୀ ମହିଳାଙ୍କ ଧାରଣା

କେନ୍ଦ୍ରାପଡା,୩।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଲବଲରାମପୁର ଗ୍ରାମର ଜଣେ ମହିଳାଙ୍କ ଗାଳିଗୁଲଜ, ବିନା କାରଣରେ ଝଗଡା ଓ ଗଣ୍ଡଗୋଳ ତଥା ଅଶାଳୀନ ବ୍ୟବହାର ପାଇଁ ଗ୍ରାମର ମହିଳା ମାନେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସଂପୃକ୍ତ ମହିଳାଙ୍କୁ ଜବତ କରିବା ପାଇଁ ଜିଲ୍ଲା ପ୍ରଶାସନ ପାଖରେ ଦାବି ଜଣାଇଛନ୍ତି ।ସେହି ଗ୍ରାମର ଖୁଲଣା ବେହେରା ନାମକ ଜଣେ ମହିଳା ଗ୍ରାମବାସୀଙ୍କ ସହ ବିନା କରାଣରେ ଝଗଡା କରିବା ଓ ରାସ୍ତାରେ ଯାଉଥିବା ଲୋକଙ୍କୁ ଅଶାଳୀନ ବ୍ୟବହାର ଦେଖାଇବା ଅଭିଯୋଗ ହୋଇଛି । ଏନେଇ ପ୍ରତିବାଦ କରିବାରୁ ସ୍ଥାନୀୟ ସରପଂଚ ଓ ତାଙ୍କ ଭାଇଙ୍କ ନାମରେ ପାଟକୁରା ଥାନାରେ ମିଥ୍ୟା ଅଭିଯୋଗ କରିବାରୁ ଗ୍ରାମବାସୀ ମାନେ ପାଟକୁରା ଥାନାରେ ସଂପୃକ୍ତ ମହିଳାଙ୍କ ନାମରେ ଅଭିଯୋଗ କରିଥିଲେ । ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସୋମବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମର ଜ୍ୟୋତ୍ସ୍ନାମୟୀ ବେହେରା, ଜୟନ୍ତୀ ବେହେରା, ସଂଯୁକ୍ତା ବେହେରା, ସୁକାନ୍ତି ବେହେରା ପ୍ରମୁଖ ଧାରଣାରେ ବସି ପ୍ରଶାସନର ହସ୍ତକ୍ଷେପ ଦାବି କରିଥିଲେ ।

## ବାର୍ଷିକ ନେତ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ



ଭଦ୍ରକ,୩।୧୧ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ବାର୍ଷିକ ନେତ ଉଡାଣ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଭଦ୍ରକ ବାଲଗୋପାଳ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ବାର୍ଷିକ ମୁଖପତ୍ର ‘ନୀଳକନ୍ଦର’ ପତ୍ରିକାର ଲେଖା ସଂଗ୍ରହ ନିମନ୍ତେ ଆସନ୍ତା ୧୦ ତାରିଖକୁ ଶେଷ ତରିଖ ଭାବେ ଧାର୍ଯ୍ୟ କରାଯାଇଥିଲା। ବାଷିର୍କ ନେତ ଉଡାଣ ଉତ୍ସବ ନିମନ୍ତେ ଘଣ୍ଟେଶ୍ୱର ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଠାରେ କରାଯିବାକୁ ସ୍ଥିର କରାଗଲା। ବୈଠକ ଆରମ୍ଭରେ ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମଳର ସାହୁ ପୂର୍ବ ବୈଠକର ବିବରଣୀ ପ୍ରଦାନ ସହ ଆଜି ବୈଠକର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଆଲୋଚନାରେ ସନେଇ ଶିଅଳ, ବାବୁଲାଲ ଦାସ, ନାରାୟଣ ଚନ୍ଦ୍ର ପ୍ରଧାନ, କମଳାକାନ୍ତ ମଲ୍ଲିକ, ସୁଧାକର ଧନୀ, ଲକ୍ଷ୍ମଣ କୁମାର ସାହୁ, ମିନତୀ ଦାସ, ବିକାଶ ଚନ୍ଦ୍ର ଶତପଥୀ, ସଦାନନ୍ଦ ପାଣିଗ୍ରାହୀ, ପରମାନନ୍ଦ ପାଣିଗ୍ରାହୀ, କାହ୍ନୁ ଚରଣ ଦାସ, ପ୍ରଶାନ୍ତ କୁମାର ଦେ, ବିଷ୍ଣୁ ମୋହନ ପଣ୍ଡା, ଲକ୍ଷ୍ମୀଧର ଖଟୁଆ, ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଅଂଶ ଗ୍ରହଣ କରିଥିଲେ।

## ଫୁଲବାଣୀ ସମେତ ବିଭିନ୍ନ ଅଂଚଳରେ ବିଜେଡ଼ିର ଜନ ସେଚତନତା ଅଭିଯାନ

କନ୍ଧମାଳ,୩।୧୧ (ନି.ପ୍ର): ଆଜି ଫୁଲବାଣୀ ସଦରମହକୁମାଠାରେ କନ୍ଧମାଳ ଜିଲ୍ଲା ବିଜୁଜନତା ଦଳ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାରେ କରୋନା ସଂକ୍ରମଣ ଯୋଗୁଁ ଲୋକଙ୍କୁ ଏଥିରେ ଭୟଭୀତ ନହୋଇ ଏହାର ନିରାକରଣ ପାଇଁ ସମଗ୍ର କନ୍ଧମାଳ ଜିଲ୍ଲାର ଲୋକଙ୍କୁ ସତର୍କ ରହିବା ସହିତ ଆବଶ୍ୟକୀୟ ସତର୍କତାର ପଦକ୍ଷେପ ନେବାକୁ ଲୋକଙ୍କୁ କୁହାଯାଇଛି। ଏହି ସଂକ୍ରନ୍ତରେ ବିଜେଡି ତରଫରୁ ଏକ ଶୋଭାଯାତ୍ରା ସ୍ଥାନୀୟ କୋର୍ଟଛକଠରୁ ବାହାରି ଫୁଲବାଣୀ ସହରର ମୁଖ୍ୟ ରାସ୍ତାରେ ନଗର ପରିକ୍ରମା କରିବା ସହିତ କରୋନା ପାଇଁ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଚାର କରାଯାଇ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା । ବିଜେଡି କନ୍ଧମାଳର ଜିଲ୍ଲା ସଭାପତି ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ କମଳ ବେହେରା, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଜିଲ୍ଲା ବିଜୁଜନତା ଦଳର ମହିଳା ସଭାନେତ୍ରୀ ଅନିମା କହଁର,ପୂର୍ବତନ ଫୁଲବାଣୀ ପୌରାଧ୍ୟକ୍ଷ ରାଜେନ୍ଦ୍ର କହଁର, ଆଇନଜୀବି ଶିବପ୍ରସାଦ ତ୍ରିପାଠୀ, ପ୍ରତାପ କୁମାର ପାତ୍ର, ଅସୀମ ପ୍ରହରାଜ, ବିରୁପାକ୍ଷ ପଣ୍ଡା,ଏସ.ସି ସେଲ ସଭାପତି ପଙ୍କଜ ବେହେରା, ନମିତା ବେହେରା, ପୂନମ କହଁର, ଗୀତାଞ୍ଜଳି ବେହେରା,ନଳିନି ବେହେରାଙ୍କ ସମେତ ଦଳର ଅନ୍ୟ କର୍ମୀମାନେ ଯୋଗ ଦେଇଥିଲେ । ଫୁଲବାଣୀ ନଗର ସଭାପତି ସୁଧିର କହଁରଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଫୁଲବାଣୀର ସବୁ ବର୍ଗର ଲୋକଙ୍କୁ ଏହି ସଚେତନତାର ବାର୍ତ୍ତ ପ୍ରଦାନ କରାଯିବା ସହିତ ସେମାନଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା। ସେହିପରି ରବିବାର ଦିନ ଫୁଲବାଣୀ ବ୍ଲକ ଅନ୍ତର୍ଗତ କଟ୍ରିଙ୍ଗିଆ ଠାରେ ବ୍ଲକ ବିଜେଡ଼ି ପକ୍ଷରୁ କରୋନା ମହାମାରୀ ପାଇଁ ଆବଶ୍ୟକ ସତର୍କତା ଓ ସଚେତନା କରାଇବା ପାଇଁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଜାର ମଧ୍ୟରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । । ଏଥିରେ ଫୁଲବାଣୀ ବ୍ଲକ ଅଧ୍ୟକ୍ଷା ମଞ୍ଜୁଦେବୀ କହଁର , ବିଜେଡ଼ି ଯୁବସଭାପତି ବିଷ୍ଣୁ ମଲିକ, ଜିଲା ବିଜେଡ଼ି ଛାତ୍ର ସଭାପତି ସୁନିଲ୍ ସେଠୀ , ପୂର୍ବତନ ଜିଲା ପରିଷଦ ସଭ୍ୟା ନମିତା ମଲିକ, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ବିଶ୍ୱାଳ , ଯୁବନେତା ସଞ୍ଜିତ ମଲିକ, ବ୍ଲକ ମହିଳା ସଭାନେତ୍ରୀ ରମାନେଦୀ ବିଶୋୟୀ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭଜମନ କହଁର ଓ ଅନ୍ୟମାନେ ସାମିଲ୍ ହୋଇଥିଲେ। ବ୍ଲକ ବିଜେଡ଼ି ସଭାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବିଜେଡ଼ି ନେତା ଓ କର୍ମୀମାନେ ଏଥିରେ ସାମିଲ୍ ହୋଇ ସଚେତନତା କରିବା ସହିତ ମାସ୍କ ବଣ୍ଟନ କରାଯାଇଥିଲା ।

# ବିଚିତ୍ର

ଦେଶ ଦୁନିଆର ନାନାକଥା

## ଦୁର୍ଗନ୍ଧ ଦୂରକାରୀ ରାସାୟନିକ



ଆମ ଭିତରେ ଅନେକ ଅଛନ୍ତି, ଯେଉଁମାନଙ୍କ ଦେହରୁ ଅଧିକ ଝାଳ ବାହାରେ । ଏଭଳି ଲୋକେ ଥରେ ପିନ୍ଧିଥିବା ପୋଷାକ ଦ୍ୱିତୀୟ ଥର ନ ଧୋଇ ପିନ୍ଧିପାରନ୍ତି ନାହିଁ । ପୁଣି, ଭଲ ଭାବେ ଡିଟର୍‌ଜେଣ୍ଟ୍‌ରେ ଧୋଇ, ଟାଣଖରାରେ ଶୁଖାଇଲେ, ସହଜରେ ଗନ୍ଧ ଛାଡ଼େନାହିଁ ଏ ସମସ୍ୟାରୁ ରକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର ତରଳ ଡିଟରଜେଣ୍ଟ ବିକଶିତ କରାଯାଇଛି । 'ଡିଫନ୍କ୍ଟି୍' ଭାବେ ନାମିତ ଏହି ତରଳ ପଦାର୍ଥ ଦ୍ୱାରା ଯେକୌଣସି ପୋଷାକ ଥରେ ଧୋଇଲେ, ଅନ୍ୟ ଏକ ସପ୍ତାହ ପର୍ଯ୍ୟନ୍ତ ଆଉ ଧୋଇବାକୁ ପଡ଼ିବନାହିଁ । ବ୍ୟାୟମଶାଳାରେ ଝାଳ ବୁହାଅ କି ପାହାଡ଼ ଚଢ଼ାରେ: କୌଣସି ସମସ୍ୟା ହେବନାହିଁ । ଏହି ତରଳ ପଦାର୍ଥ ପୋଷାକକୁ ଖରାପ ମଧ୍ୟ କରିବନାହିଁ । ଝାଳ ଲାଗିଥିବା ଅଧୁଆ ପୋଷାକ ଦ୍ୱାରା କବକ ଜନିତ ରୋଗ ବି ହେବନାହିଁ । ଓରିଗନ୍ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗୀୟ ଗବେଷକମାନେ ଏହି ଚମତ୍କାରୀ ରାସାୟନିକ ସୃଷ୍ଟି କରିଛନ୍ତି ।

## ତାପମାତ୍ରା ବୃଦ୍ଧିଯୋଗୁଁ ଉଚ୍ଚତା କମୁଛି

ବିଶ୍ୱତାପନର ଆଉ ଏକ କୁପ୍ରଭାବ ବିଜ୍ଞାନୀମାନଙ୍କ ଦୃଷ୍ଟିକୁ ଆସିଛି । ହାରାହାରି ତାପମାତ୍ରା ବଢ଼ିବା ଯୋଗୁଁ ମଣିଷ ତଥା ଅନ୍ୟ ପ୍ରଣୀଙ୍କ ଉଚ୍ଚତା ଧୀରେଧୀରେ କମୁଥିବା ପ୍ରକାଶ । ଫ୍ଲୋରିଡା ଓ ନେବ୍ରାସ୍କା ବିଶ୍ୱବିଦ୍ୟାଳୟର ଗବେଷକମାନେ ଲମ୍ବା ସମୟ ଅଧ୍ୟୟନ ପରେ ଏ ବାବଦରେ ନିଶ୍ଚିତ ହୋଇଛନ୍ତି । ତାପମାତ୍ରା ବୃଦ୍ଧି ଯୋଗୁଁ ଘୋଡ଼ାଙ୍କ ଉଚ୍ଚତାରେ ପରିବର୍ତ୍ତନ ପ୍ରଥମେ ସେମାନଙ୍କ ଦୃଷ୍ଟକୁ ଆସିଥିଲା । ପ୍ରଚୀନ କାଳର ଘୋଡ଼ାଙ୍କ ଉଚ୍ଚତା ଏବେର ଘୋଡ଼ାଙ୍କ ଠାରୁ ଅଧିକ ଥିଲା । ତାପମାତ୍ରା ଓ ଉଚ୍ଚତା ମଧ୍ୟରେ ସମ୍ପର୍କ ରହିଛି । ତାପମାତ୍ରା ବଢ଼ିଲେ ଉଚ୍ଚତା କମେ ଏବଂ ତାପମାତ୍ରା କମିଲେ ଉଚ୍ଚତା ବଢ଼େ । ଅର୍ଥାତ୍, ତାପମାତ୍ରା ବୃଦ୍ଧି ଜାରିରହିଲେ ଭବତଷ୍ୟତରେ ବାଙ୍ଗରା ମଣିଷଙ୍କ ସଂଖ୍ୟା ବଢ଼ିବ ।

## ଜେଜେବାପାଙ୍କ ଶେଷଇଚ୍ଛା ପୂରଣ କଲା ନାତୁଣୀ



ପିଲା ଛୋଟ ଥିଲାବେଳେ ସେମାନଙ୍କ ଅଳିଅଝଟକୁ ଯଥା ସାଧ ପୂରଣ କରିବାକୁ ଚେଷ୍ଟା କରନ୍ତି ପିତାମାତା । ସେହିପରି କେତେକ କ୍ଷେତ୍ରରେ ବୟସ୍କ ଜେଜେବାପା, ଜେଜେମା'ଙ୍କ ଇଚ୍ଛାକୁ ମଧ୍ୟ ସମ୍ମାନ ଦେଇଥାନ୍ତି ପିଲାମାନେ । ଏବେର ସମୟରେ ସେହିଭଳି ସୁନ୍ଦର କାହାଣୀଟାଏ ଦେଖିବାକୁ ମିଳିଛି । ଚୀନର ଚେଗନ୍ଦୁ ପ୍ରାନ୍ତ ନିବାସୀ ୨୫ବର୍ଷୀୟ ଯୁବତୀ ଫୁ ଶୁବେରା ଏତେ କମ୍ ବୟସରେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଫୁ ଜଣେ ସଫଳ ମହିଳା ଉଦ୍ୟୋଗୀ ଭାବେ ଜଣାଯାନ୍ତି । ଦିନରାତି କଠିନ ପରିଶ୍ରମ କରି ଏହି ଶୀର୍ଷରେ ପହଞ୍ଚିଥିବା ଫୁ ଏସବୁର ଶ୍ରେୟ ଜେଜେମା' ଜେଜେବାପାଙ୍କୁ ଦେଇଥାନ୍ତି । ତାଙ୍କୁ ଯେତେବେଳେ ୧୦ବର୍ଷ, ସେ ସମୟରେ ଦୁର୍ଘଟଣାରେ ପିତାମାତା ପ୍ରାଣ ହରାଇଥିଲେ । ଏହା ପରେ ଫୁ'ଙ୍କ ଲାଳନ ପାଳନ ଦାୟିତ୍ୱ ଜେଜେମା-ବାପାଙ୍କ ଉପରେ ପଡ଼ିଥିଲା । ଗେହ୍ଲା ନାତୁଣୀକୁ ଖୁବ୍ ଆଦର ଯତ୍ନରେ ବଢ଼ାଇଥିଲେ । ସେମାନେ ଫୁ'ଙ୍କ ଜେଜେବାପାଙ୍କୁ ଏବେ ୮୫ବର୍ଷ କିଛିଦିନ ତଳେ ସ୍ୱାସ୍ଥ୍ୟ ପରୀକ୍ଷାରୁ ଜଣାପଡ଼ିଲା ଯେ ତାଙ୍କ ଜେଜେବାପା ଏକ ଦୁରାରେଗ୍ୟ ବ୍ୟାଧିରେ ଆକ୍ରାନ୍ତ । ଆଉ କିଛି ମାସ ହିଁ ସେ ବଞ୍ଚିବେ । ଏକଥା ଜାଣିବା ପରେ ଫୁ ଜେଜେବାପାଙ୍କ ଶେଷ ଇଚ୍ଛା ପୂରଣ କରିବାରେ ଆଦୌ ହେଳା କରିନଥିଲା । ଜେଜେମା'-ବାପା ସବୁବେଳେ ତାଙ୍କୁ କହୁଥିଲେ, ଫୁ'ର ବିବାହ ଉତ୍ସବକୁ ମନଭରି ଉପଭୋଗ କରିବା । ସେମାନଙ୍କ ଇଚ୍ଛା ଏତେ ତରବରରେ ଯଦିଓ ଫୁ ଫୁ ବିବାହ କରିନାହାନ୍ତି, ହେଲେ ବିବାହ ଉତ୍ସବର ଆୟୋଜନ କରିଛନ୍ତି । ବିବାହ ପୋଷାକ ପିନ୍ଧି ଜେଜେବାପାଙ୍କ ସହ ଫୋଟସୁଟ୍ କରାଇଛନ୍ତି । ଏପରିକି ସେମାନଙ୍କ ପରମ୍ପରାରେ ପିତାଙ୍କ ସହ କନ୍ୟା ବିବାହ ଦିନ ଗିର୍ଜା ପର୍ଯ୍ୟନ୍ତ ଯାଇଥାନ୍ତି । ଏହି କାର୍ଯ୍ୟକ୍ରମ ସେ ଜେଜେବାପାଙ୍କ ସହ କରିଥିଲେ । ଜେଜେବାପା ନିଜ ପ୍ରତିକ୍ରିୟାରେ କହିଛନ୍ତି, ମୁଁ ପ୍ରକୃତରେ ଖୁବ୍ ଭାଗ୍ୟବାନ୍ । ଏସବୁ ସମ୍ଭବ ହେବ ବୋଲି କଳ୍ପନା କରିନଥିଲି । ଗେହ୍ଲା ନାତୁଣୀକୁ ଅଜସ୍ର ଆର୍ଶୀବାଦ ଦେଇଛନ୍ତି ଜେଜେବାପା । କିଛି ମାସ ତଳେ ଫୁଙ୍କ ଜେଜେମା' ହୃଦଘାତରେ ପ୍ରାଣ ହରାଇଲେ । ଫୁ'ଙ୍କ ଏହି ଅନାବିଳ ସ୍ନେହ ଚୀନ ଗଣମାଧ୍ୟମରେ ମୁଖ୍ୟ ଖବର ପାଲଟିଛି ।

## ଅଦରକାରୀ ଜିନିଷ ବ୍ୟବହାର କରି ନିର୍ମାଣ କଲେ ଶୌଚାଳୟ



ସଚେତନତା ବଢ଼ିବା କାରଣରୁ ବିଭିନ୍ନ ବର୍ଗର ଲୋକେ ଏବେ ଶୌଚାଳୟର ଆବଶ୍ୟକତା ବୁଝୁଛନ୍ତି । ଗାଁଗଣ୍ଡାରେ ମଧ୍ୟ ଲୋକେ ଶୌଚାଳୟ ନିର୍ମାଣ କରି ଏହା ବ୍ୟବହାର କରୁଥିବାର ଦେଖାଯାଉଛି । ନିକଟରେ ପଶ୍ଚିମ ବଙ୍ଗଳାର ଜନୈକ ଯୁବକଙ୍କ ପଦକ୍ଷେପକୁ ବିଭିନ୍ନ ମହଲାରେ ଆଲୋଚନା କରାଯାଉଛି । ଅଶୋକ ଭୌମିକ ନାମକ ଏହି ଗ୍ରାମୀଣ ଯୁବକ ନିଜ ଘରେ ଶୌଚାଳୟ ତିଆରି କରିବାକୁ ଚାହିଁଥିଲେ, ହେଲେ ଏଥିପାଇଁ ପ୍ରମୁଖ ଅସୁବିଧା ସାଜିଥିଲା ଅର୍ଥର ଅଭାବ । ହେଲେ ଯେପରି ହେଉ ଶୌଚାଳୟ ସେ ତିଆରି କରିବେ । ବୋଲି ପ୍ରତିଜ୍ଞାବଦ୍ଧ ଥିଲେ । ପ୍ଲାଷ୍ଟିକ୍ ବୋତଲ ଓ ଅଳିଆ ଆବର୍ଜନାକୁ ବ୍ୟବହାର କରି ସେ ଉପଯୋଗୀ ଶୌଚାଳୟଟିଏ ଶେଷରେ ତିଆରି କରିପାରିଥିଲେ । ତାଙ୍କର ଏହି ଶୌଚାଳୟକୁ ଦେଖିବା ପାଇଁ ବିଭିନ୍ନ ପ୍ରାନ୍ତରୁ ଲୋକ ଆସୁଛନ୍ତି । ପରିବେଶ ପାଇଁ କ୍ଷତିକାରକ ପ୍ଲାଷ୍ଟିକ୍ ପୁନଃଚକ୍ରଣ ପାଇଁ ମଧ୍ୟ ବିଭିନ୍ନ ଅସୁବିଧା ଉପୁଜାଇଥାଏ । ଏପରି ସ୍ଥଳେ ଅଶୋକଙ୍କ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ନୈନିତାଲ ଦର୍ଶନ କରାଇବେ ପର୍ଯ୍ୟଟନ ପୁଲିସ୍




ଖରାଦିନେ ନୈନିତାଲରେ ପ୍ରତି ବର୍ଷ ପର୍ଯ୍ୟଟକଙ୍କ ଆଶାତୀତ ବୃଦ୍ଧି ପାଇଥାଏ । ଏଇ ଛୋଟ ସହରରେ ପର୍ଯ୍ୟଟକଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବା ନିମନ୍ତେ ଏଥରକ ପର୍ଯ୍ୟଟନ ପୁଲିସଙ୍କୁ ନିଯୁକ୍ତ କରାଯାଇଛି । ଦେଶର ବିଭିନ୍ନ ପ୍ରାନ୍ତ ସହ ବିଦେଶରୁ ମଧ୍ୟ ଏଇ ସମୟରେ ପର୍ଯ୍ୟଟକ ନୈନିତାଲକୁ ଛୁଟି ଆସିଥାନ୍ତା । ଯଦିଓ ବେସରକାରୀ ଭାବେ ସଂଖ୍ୟାଧିକ ପର୍ଯ୍ୟଟନ ସଂସ୍ଥା ଗ୍ରାହକଙ୍କୁ ବିଭିନ୍ନ ସ୍ଥାନ ପ୍ୟାକେଜ ଜରିଆରେ ଭ୍ରମଣ କରାନ୍ତି ହେଲେ ପର୍ଯ୍ୟଟନ ପୁଲିସ୍



ସେମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଏସବୁ ସୁବିଧା ଉପଲବ୍ଧ କରାଇବେ ବୋଲି ଜଣାପଡ଼ିଛି । ସେଠାକାର ସବୁଠୁ ଉତ୍ତମ ହୋଟେଲ ଓ ଲଜିଂର ବିବରଣୀ ମଧ୍ୟ ଏହି ପର୍ଯ୍ୟଟନ ପୁଲିସ୍ ଦେବା ସହ ପର୍ଯ୍ୟଟକଙ୍କ ସହ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯାତ୍ରା କରନ୍ତି । ନୈନିତାଲ ଆସୁଥିବା ସଂଖ୍ୟାଧିକ ପର୍ଯ୍ୟଟକଙ୍କ ମତରେ ଲାକାର ଲୋକଙ୍କ ବ୍ୟବହାର ଖୁବ୍ ମାର୍ଜିତ । ଦିନକୁଦିନି ପର୍ଯ୍ୟଟକଙ୍କ ସଂଖ୍ୟା ଏଠାରେ ବଢୁଥିବାରୁ ସ୍ଥାନୀୟ ପ୍ରଶାସନ ତରଫରୁ ହିଁ 'ପର୍ଯ୍ୟଟନ୍ ପୁଲିସ୍' ସେବା ଆରମ୍ଭ କରାଯାଇଛି ।

## ହେମୋଗ୍ଲୋବିନ୍ ବୃଦ୍ଧି କରାଇବାର ସରଳ ଉପାୟ



ଶରୀରରେ ହେମୋଗ୍ଲେବିନର ପର୍ଯ୍ୟପ୍ତ ମାତ୍ରା ରହିବା ନିତାନ୍ତ ଜରୁରୀ । ଏହା ଦ୍ୱାରା ଆମ ମୁଖ୍ୟ ଅଙ୍ଗ ମସ୍ତିଷ୍କ, ବୃକକ୍, ହୃଦଯନ୍ତ୍ର ଉତ୍ତମ ଭାବରେ କାମ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ । ହେକୋଗ୍ଲୋବିନର ମାତ୍ରା କମ୍ ହେଲେ ଖଦ୍ୟପାନୀୟରେ ଅନିୟମିତତା ସମସ୍ୟା ଆରମ୍ଭ ହୋଇଥାଏ । ରୋଗୀ ସବୁ ସମୟରେ ହାଲିଆ ଅନୁଭବ କରିବା ସହ କାର୍ଯ୍ୟ କରିବାର କ୍ଷମତା ନଥାଏ । ତେବେ ଏଥିପାଇଁ କୌଣସି ଔଷଧ ସେବନ କରିବା ପୂର୍ବରୁ ପ୍ରଥମେ ସରଳ ଉପାୟ ଆମ୍ଭ କରନ୍ତୁ । ପ୍ରତ୍ୟେକଙ୍କ ଘରେ ତୁଳସୀ ଗଛ ଥାଏ । ଏଣୁ ନିୟମିତ ଭାବେ ୫.୬ଟି ତୁଳସୀ ପତ୍ର ଚୋବାଇ ଖାଆନ୍ତୁ । ନଚେତ୍ ତୁଳସୀପତ୍ରକୁ ଛେଚି କୌଣସି ପାନୀୟ ଅଥବା ଚା'ରେ ମିଶାଇ ପିଅନ୍ତୁ। ମାସ କେଇଟାରେ ହିଁ ହେମୋଗ୍ଲୋବିନ୍ ସମସ୍ୟା ଦୂର ହେବ ।

ପାଚିଲା ପିଜୁଳିରେ ଲୌହ ତତ୍ତ୍ୱ ଭରପୂର ରହିଥାଏ । ନିୟମିତ ଭାବେ ଗୋଟଏ କିମ୍ବା ଦୁଇଟି ପିଜୁଳି ଖାଇଲେ ମଧ୍ୟ ରକ୍ତହୀନତା ସମସ୍ୟା ଦୂର ହେଉଥିବାର ବିଶେଷଜ୍ଞଙ୍କ ମତ । ଅଙ୍ଗୁର ନାସପାତି ନଡ଼ିଆପାଣି, ପାଳଙ୍ଗଶାଗ, ଜାମୁକୋଳି, ଗୁଡ଼ ଇତ୍ୟାଦି ସେବନ କଲେ ମଧ୍ୟ ହେମୋଗ୍ଲୋବିନ୍ ମାତ୍ରା ଶରୀରରେ ଶୀଘ୍ର ବୃଦ୍ଧି ହୋଇଥାଏ ବୋଲି ବିଭିନ୍ନ ଗବେଷଣାରୁ ପ୍ରକାଶ ।



## ଶରୀରକୁ ଶକ୍ତି ଯୋଗାଏ ଏସବୁ ଖାଦ୍ୟ



ଏବର ଜୀବନ ଶୈଳୀରେ ବଢୁଥିବା ପିଢ଼ିର ପ୍ରମୁଖ ଅସୁବିଧା ହେଉଛି ସେମାନଙ୍କୁ ଶୀଘ୍ର ଥକା ଲାଗୁଛି । ଏଣୁ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଖାଦ୍ୟ ପାନୀୟ ପ୍ରତି ସଚେତନ ହେଲେ ଏସବୁ ଅସୁବିଧା ଦୂର ହୋଇଯିବ ।





**ଆଭାକୋଡୋ:-** ଏବେ ବିଭିନ୍ନ ମୂଲ୍ୟରେ ଏହି ଫଳଟି ସହଜରେ ଉପଲବ୍ଧ ହେଉଛି । ଭିଟାମିନ୍ ବି ଓ ସି'ରେ ଭରପୂର ଏହି ଫଳ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ମସ୍ତିଷ୍କ ଭଲଭାବେ କାର୍ଯ୍ୟ କରିଥାଏ ।

**ଷ୍ଟ୍ରବେରୀ:-** ଆଣ୍ଟକ୍ସିଡାଣ୍ଟରେ ଭରପୂର ଏହି ଫଳଟି ଲବେ ଭାରତୀୟ ଭଜାରରେ ସହଜରେ ମିଳୁଛି । ନିୟମିତ ଏହାକୁ ଖାଇଲେ ମଧ୍ୟ ଶରୀରକୁ ପ୍ରଚୁର ପରିମାଣରେ ଶକ୍ତି ମିଳିଥାଏ ।

**ବ୍ଲୁବେରୀ:-** ଏହି ବିଦେଶୀ ଫଳ ମଧ୍ୟ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ପ୍ରତ୍ୟେକ ଅଙ୍ଗକୁ ଉତ୍ତମ ଭାବେ କାର୍ଯ୍ୟକ୍ଷମ କରାଏ ।

**ବ୍ରୋକୋଲି:-** ସାଲାଡ ଭାବେ ନିୟମିତ ଏହି ପରିବାକୁ ଖାଇଲେ କିମ୍ବା ଏହାକୁ ସିଝାଇ ଖାଇଲେ ଶରୀର ଉପରେ ଉତ୍ତମ ପ୍ରଭାବ ପଡ଼େ ।

**ପାଳଙ୍ଗ ଶାଗ:-** କ୍ୟାଲେରୀ, ପୋଟିନ୍ ଭରପୂର ପାଳଙ୍ଗ ଶାଗ ନିୟମିତ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ତ୍ୱଚା ଓ କେଶ ପାଇଁ ମଧ୍ୟ ଉପକାରୀ ।

## ରୋବୋଟ୍ ଦେବ ଚାଷ ସୂଚନା




ଏରିମି ରୋବୋଟ୍ ଦ୍ୱାରା ଚାଷ ବାବଦରେ ଠିକ୍ ସୂଚନା ମିଳିପାରିବ । ଉନ୍ନତ କାରିଗରୀ କୌଶଳ ଉପଯୋଗରେ ଇଲନ୍‌ଏସ୍ ବିଶ୍ୱବିଦ୍ୟାଳୟରେ କୃଷି ବିଶେଷଜ୍ଞମାନେ ଏପରି ରୋବୋଟ୍ ବିକଶିତ କରିଛନ୍ତି । ଏହା ମାଧ୍ୟମରେ ଜମିର ଉର୍ବରତା, କ୍ଷାର ପରିମାଣ, ଋତୁ ଅନୁଯାୟୀ ଫସଲ ଚାଷ, ଫସଲ ନଷ୍ଟକାରୀ କୀଟ, ଅଦରକାରୀ ଗୁଳ୍ମ-ଲତା ଆଦି ବାବଦରେ ଜାଣିହେବ । ଚାଷୀ, କୃଷି ବିଶେଷଜ୍ଞ ଓ ମଞ୍ଜି ଉତ୍ପାଦନକାରୀ ସଂସ୍ଥା ଏହାର ଲାଭପାଇବେ । ତେତିଶ ଇଞ୍ଚ ଓସାର ବିଶିଷ୍ଟ ଏହି ରୋବୋଟ୍ର ଓଜନ ମାତ୍ର ଏଗାର କିଲୋଗ୍ରାମ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା ସହଜ । ଆମେରିକା ଅନ୍ତର୍ଗତ ମେରିଲାଣ୍ଡରେ ଆୟୋଜିତ ଏକ ବୈଷୟିକ କଳା-କୌଶଳ ପ୍ରଦର୍ଶନୀରେ ଏହାର ପରୀକ୍ଷାମୂଳକ ବ୍ୟବହାର କରାଯାଇଥିବା ପ୍ରକାଶ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆତଙ୍କବାଦୀ ଆକ୍ରମଣ...

ଫ୍ରାନ୍ସରେ ଗତ ଏକମାସ ମଧ୍ୟରେ ତିନି ତିନି ଥର ଆତଙ୍କବାଦୀ ଆକ୍ରମଣ ଘଟି ସାରିଛି । ସଦ୍ୟତମ ଘଟଣାରେ ଗତ ସପ୍ତାହରେ ଦକ୍ଷିଣ ଫ୍ରାନ୍ସର ନାଇସ୍ ସହରର ଏକ ଚର୍ଚ୍ଚରେ ଜନୈକ ଆକ୍ରମଣକାରୀଙ୍କ ଛୁରୀମାଡ଼ରେ ତିନିଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରୁ ଜନୈକ ବୟସ୍କା ମହିଳାଙ୍କ ବେକ କାଟି ଆତତାୟ ତାଙ୍କୁ ହତ୍ୟା କରିଥିଲା । ଅକ୍ଟୋବର ୧୬ ତାରିଖ ଦିନ ମଧ୍ୟ ଆଉ ଜଣେ ଆତତାୟୀ ଜନୈକ ଶିକ୍ଷକଙ୍କ ଗଳା କାଟି ହତ୍ୟା କରିଥିବା ଜଣାପଡ଼ିଛି । ଫ୍ରାନ୍ସରେ ଘଟିଥିବା ଏଭଳି ଆତଙ୍କବାଦୀ କାଣ୍ଡ ପ୍ରତି ଭାରତ ସମେତ ବିଶ୍ୱର ଅଧିକାଂଶ ରାଷ୍ଟ୍ର ସେ ଦେଶ ପ୍ରତି ସମବେଦନା ଜଣାଇଛନ୍ତି । ଏଭଳି ଘଟଣା ପରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋଁ ଧର୍ମୀୟ ଆତଙ୍କବାଦ ବିରୋଧରେ ଦେଇଥିବା ଉଦ୍‌ବୋଧନରେ କେତେକ ଇସଲାମୀୟ ରାଷ୍ଟ୍ର ତୀବ୍ର ପ୍ରତିକ୍ରିୟା ପ୍ରକଟ କରିଛନ୍ତି । କାରଣ ଇସଲାମୀୟ ମୌଳବାଦ ପ୍ରତି ରାଷ୍ଟ୍ରପତି ମାକ୍ରୋଁଙ୍କ ଭାଷଣରେ ଇଙ୍ଗିତ ରହିଛି । ରାଷ୍ଟ୍ରଠାରୁ ଧର୍ମକୁ ପୃଥକ୍ କରିବା ନେଇ ସେ ଦେଇଥିବା ଭାଷଣରେ ଦେଶ ନିରାପତ୍ତା ପ୍ରତି ଗୁରୁତ୍ୱ ଆରୋପ ରହିଛି । ଏକଥା ସଭିଏଁ ସ୍ୱୀକାର କରିବେ ଯେ ଆତଙ୍କବାଦ ଏବେ ସମଗ୍ର ବିଶ୍ୱ ପାଇଁ ସବୁଠାରୁ ବଡ଼ ବିପଦ ହୋଇପଡ଼ିଛି । ତେଣୁ ନିଜର ସୁରକ୍ଷା ପାଇଁ ପ୍ରତ୍ୟେକ ରାଷ୍ଟ୍ର ସଚେତନ ହେବା ଓ ଏହି ପରିପ୍ରେକ୍ଷୀରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସ୍ୱାଭାବିକ । ବିଗତ କେତେ ବର୍ଷ ମଧ୍ୟରେ ଫ୍ରାନ୍ସରେ ଏକାଧିକବାର ଆତଙ୍କବାଦୀ ଆକ୍ରମଣ ଘଟିଛି ଓ ଏହା ସେ ଦେଶରେ ମୁକ୍ତ ସମାଜକୁ ବ୍ୟସ୍ତ ବିବ୍ରତ କରିପକାଇଛି । ତେବେ ରାଷ୍ଟ୍ରପତି ମାକ୍ରୋଁ ତାଙ୍କର ଭାଷଣରେ ଇସଲାମୀୟ ଅତିବାଦ କଥା ଇଙ୍ଗିତ କରିବା ଫଳରେ ତାଙ୍କ ମତ ପ୍ରତି କେହି କେହି ନାସିକା କୁଞ୍ଚନ କରିଛନ୍ତି । ତେବେ ଏକଥା ମଧ୍ୟ ସ୍ୱୀକାର୍ଯ୍ୟ ଯେ, ୟୁରୋପର ଯେକୌଣସି ରାଷ୍ଟ୍ର ତୁଳନାରେ ଫାନ୍ସ ଏକ ଧର୍ମନିରପେକ୍ଷ ସାମାଜିକ ବ୍ୟବସ୍ଥାରେ ବିଶ୍ୱାସୀ । ସେଠାରେ ଅନ୍ୟ ଯେକୌଣସି ୟୁରୋପୀୟ ରାଷ୍ଟ୍ରଙ୍କଠାରୁ ଅଧିକ ଇସଲାମ ଧର୍ମାବଲମ୍ବୀ ଲୋକ ବସବାସ କରନ୍ତି । ସବୁ ଧର୍ମ ପ୍ରତି ସେ ଦେଶର ଆଇନ ସମାନ ଦୃଷ୍ଟିରେ ଓ ସମ୍ମାନ ପ୍ରଦର୍ଶନ କରିଥାଏ । ପୁଣି ବ୍ୟକ୍ତି ସ୍ୱାଧୀନତାରେ ମଧ୍ୟ ସେ ଦେଶ ଅନ୍ୟମାନଙ୍କଠାରୁ ଆଉ ପାଦେ ଆଗୁଆ । ନିଜର ଭାବ ବ୍ୟକ୍ତ କରିବାରେ କାହା ଉପରେ ବାଧା ବନ୍ଧନ ନାହିଁ । ଏହା ସତ୍ୟ ଯେ, ନିଜର ଭାବ ବ୍ୟକ୍ତ କରିବାକୁ ଯାଇ ଅନ୍ୟକୁ ଅପମାନିତ କିମ୍ବା ଆକ୍ରାନ୍ତ ମଧ୍ୟ କରିବା ଅନୁଚିତ । ତେବେ ଶାନ୍ତିଶୃଙ୍ଖଳା ରକ୍ଷା ମଧ୍ୟ ଅନ୍ୟ ଏକ ଦିଗ । ଯଦି କେହି ରାଷ୍ଟ୍ରର ପ୍ରଚଳିତ ନିୟମାନୁସାରେ କାର୍ଯ୍ୟ କରେ, ତେବେ ରାଷ୍ଟ୍ର ମଧ୍ୟ ତାକୁ ସୁରକ୍ଷା ପ୍ରଦାନ କରିବ । ରାଷ୍ଟ୍ରପତି ସେହି ମର୍ମରେ ଫ୍ରାନ୍ସ ପାଇଁ ଆଭ୍ୟନ୍ତରୀଣ ସୁରକ୍ଷା ଆଇନକୁ କଡ଼ାକଡ଼ି କରିବାର ଇଙ୍ଗିତ କରିଛନ୍ତି । ଏହା ଇସଲାମୀୟ ଅତିବାଦକୁ କେବଳ ନିୟନ୍ତ୍ରଣ କରିବ ନାହିଁ, ଆତଙ୍କବାଦକୁ ମଧ୍ୟ ପ୍ରତିହତ କରିବ । ସ୍ମରଣଯୋଗ୍ୟ ଯେ, ମଧ୍ୟଯୁଗୀୟ ନିୟମ ଦ୍ୱାରା ଏକ ଆଧୁନିକ ସମାଜର ପରିଚାଳନା ଅସମ୍ଭବ । ସମୟର ଆବଶ୍ୟକତା ସହ ଦେଶର ଆଇନ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଘଟାଯିବା ଆବଶ୍ୟକ । ସେଥିରେ କେବଳ ବ୍ୟକ୍ତି ସ୍ୱାଧୀନତା ନୁହେଁ, ଭାବ ବ୍ୟକ୍ତିର ସ୍ୱାଧୀନତା ମଧ୍ୟ ସୁରକ୍ଷିତ ହୋଇପାରିବ ।

ଫ୍ରାନ୍ସର ଏହି ସଂଗ୍ରାମ ସମଗ୍ର ବିଶ୍ୱ ପାଇଁ ପ୍ରଯୁଜ୍ୟ । ଆତଙ୍କବାଦର ଜଡ଼ ମୂଳୋତ୍ପାଟନ ହେବା ଜରୁରୀ । ବ୍ୟକ୍ତି ଓ ସମାଜକୁ ଧର୍ମ ଉଚିତ ମାର୍ଗରେ ପରିଚାଳିତ କରିବା ସହ ଶାନ୍ତି, ସୌହାର୍ଦ୍ଦ୍ୟ, ଭ୍ରାତୃଭାବ ଓ ସହାବସ୍ଥାନରେ ସହଯୋଗ କରିବା ଆବଶ୍ୟକ । ଏହା କୌଣସି ସଭ୍ୟତାରେ ଫାଟ ସୃଷ୍ଟି କରିବା ଅନୁଚିତ । ପ୍ରତ୍ୟେକ ବ୍ୟକ୍ତିର ପ୍ରତିବାଦ କରିବାର ଅଧିକାର ଅଛି, କିନ୍ତୁ ଧର୍ମର ଦ୍ୱାହି ଦେଇ ଆଇନକୁ ହାତକୁ ନେଇ ରକ୍ତପାତ ଘଟାଇବାର ଅଧିକାର ନାହିଁ । ହୁଏତ, ଏହାହିଁ ରାଷ୍ଟ୍ରପତି ମାକ୍ରୋଁଙ୍କ ଭାଷଣର ସାର ମର୍ମ । ଏବଂ, ଦେଶର ଶାସନମୁଖ୍ୟ ଭାବେ ନିଜ ନାଗରିକଙ୍କ ସୁରକ୍ଷା ଓ ପରମ୍ପରାର ପ୍ରତିପାଳନ ତାଙ୍କର କର୍ତ୍ତବ୍ୟ । ଚର୍ଚ୍ଚ ମଧ୍ୟରେ ଏଭଳି ବର୍ବର କାଣ୍ଡ ଘଟିବା ଆତଙ୍କବାଦର ନଗ୍ନତମ ନମୁନା । ଏହାର ପୁନରାବୃତ୍ତି ନଘଟୁ । ଏହା କେବଳ ଫ୍ରାନ୍ସ କ୍ଷେତ୍ରରେ ନୁହେଁ, ସମଗ୍ର ବିଶ୍ୱ ପାଇଁ କାମ୍ୟ । ସମୟ ଆସିଛି, ଆତଙ୍କବାଦ ବିରୋଧରେ ସମୂହ ସ୍ୱର ଉତ୍ତୋଳନ ଦ୍ୱାରା ହିଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ଏହାଦ୍ୱାରା ହିଁ ଏକ ନିରାପଦ ବିଶ୍ୱ ଗଠନ ହୋଇପାରିବ ।

# ଚାଇନାର ମ୍ୟାଙ୍ଗୋ ଫିଭର

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**



ଆମକୁ ଆକ୍ରମଣ କରୁଥିବା ପିଏଲଏର (ଚାଇନା) ସୈନ୍ୟ ମାନଙ୍କର ମୁଣ୍ଡରେ କୌଣସି ଆବେଗ ବା ବିଚାରବୁଦ୍ଧି ନାହିଁ । ସେମାନେଙ୍କୁ ପ୍ରାଣହୀନ ରୋବର୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ମାଓଙ୍କ ସମୟରୁ କଠୋର ସାମ୍ୟବାଦ ଶାସନ ସେମାନେଙ୍କର ମସ୍ତିଷ୍କରୁ ଇଶ୍ୱରଦତ ବୁଦ୍ଧି ମାନ କାଢି ନେଇ ନେତାଙ୍କୁ ଅଂଧ ଭାବରେ ଅନୁସରଣ କରି ତାଙ୍କ ଆଦେଶରେ ଯେ କୌଣସି ନାରକୀୟ କାର୍ଯ୍ୟକରିବାର ମାନସିକତା ସେମାନେ ଗ୍ରହଣ କରିଛନ୍ତି । ଯେଉଁ ମାନେ କମ୍ୟୁନିଷ୍ଟ ଶାସନକୁ ସର୍ବହରାର ଶାସନ କୁହନ୍ତି ତାହା ସଂପୂର୍ଣ୍ଣ ଭ୍ରମାତ୍ମକ । କମ୍ୟୁନିଷ୍ଟ ଦେଶ ମାନଙ୍କରେ ଯେଉଁ ଏକଛତ୍ର ଶାସକ ମାନେ ଶାସନ କରିଛନ୍ତି ସେମାନ ଙ୍କର ନରସଂହାର ଚେଙ୍ଗିଜ ଖାଁ ଠାରୁ ମଧ୍ୟ ଭୟାନକ । ଷ୍ଟାଲିନଙ୍କର ମୃତ୍ୟୁ ପରେ ତାଙ୍କ ଶାସନରେ ଘଟିଥିବା ନାରକିୟ ନରହତ୍ୟା ଘଟଣା କ୍ରୁଷ୍ଟେଭଙ୍କ ଠାରୁ ଶୁଣି ରୁଷ ପାର୍ଲିଆମେଂଟର କିଛି ସଭ୍ୟଙ୍କର ହୃଦୁଘାତରେ ମୃତ୍ୟୁ ଘଟିଥିଲା । ନିଜର ଭୂଲକୁ ଘୋଡାଇବା ପାଇଁ ମାଓ ସେତୁଙ୍ଗ ସାଂସ୍କୃତିକ ବିପ୍ଲବ ଆଳରେ ୨୦ ମିଲିଅନ ନିରିହ ଲୋକଙ୍କୁ ହତ୍ୟା କରିଥିଲେ । ଦେଶର ସମସ୍ତ ପୁରାତନ ଗିର୍ଜା, ପୁସ୍ତକାଗାର, ମନ୍ଦିର,ମସଜିଦ ଭାଙ୍ଗି ମାଟିରେ ମିଶାଇଲେ । ମାଓଙ୍କ କଥା ଭାବ,ତାଙ୍କ ଛବି କୁ ପୁଜାକର ତାଙ୍କୁ ହିଁ ନିଦରେ ସ୍ୱପ୍ନ ଦେଖ ଏହାହିଁ ଲୋକ ମାନଙ୍କୁ ଶିଖା ଗଲା । କମ୍ୟୁନିଷ୍ଟ ମାନେ ଇଶ୍ୱରଙ୍କୁ ମାନନ୍ତି ନାହିଁ । ଏହା ଈଶ୍ୱରଙ୍କ ପ୍ରତି ଅନାସ୍ଥା ପାଇଁ ନୁହେଁ, ତାଙ୍କ ପାଇଁ ତାଙ୍କର ସର୍ବୋଚ୍ଚ ନେତା ହିଁ ଇଶ୍ୱର । ତାଙ୍କ ର ବାକ୍ୟ ହିଁ ଏକା ଧାରରେ ବାଇବେଲ,ଗୀତା ଓ କୋରାନ । ଦିନରାତି ୨୪ ଘଂଟା ନେତାଙ୍କର ଜୟଗାନ ତୁମ ମୁହଁ ରୁ ଶୁଣା ନଗଲେ ତୁମକୁ ବିପ୍ଲବର ଶତ୍ରୁ,ବୁର୍ଜୁଆ ବୋଲି କୁହାଯାଇ ମାରି ଦିଆଯିବ । ସେଥିପାଇଁ ଟିକେ ମୁକ୍ତିର ଆଲୋକ ଓ ସ୍ୱାଧିନତାର ସ୍ୱାଦ ପାଇବା ପାଇଁ ଅନେକ ଲୋକ ସୈନ୍ୟ ଙ୍କ ବୁଲେଟ କୁ ଖାତର ନକରି ବର୍ଲିନ ପ୍ରାଚୀର ଓ ହଙ୍ଗ ପ୍ରଣାଳୀ ଡେଇଁ କମ୍ୟୁନିଷ୍ଟ ଲୌହ ପରଦାର ଆରକଡକୁ ପଳାନ୍ତି ।

୧୯୬୮ ମସିହାର ଅଗଷ୍ଟ ୪ ତାରିଖ ଦିନ ପାକିସ୍ତାନ ସରକାରଙ୍କ ବୈଦେଶିକ ମନ୍ତ୍ରୀ ସୟଦ ସଫିଉଦିନ ପିରଯାଦା ଚିନର ସର୍ବୋଚ୍ଚ ନେତା ତଥା କମ୍ୟୁନିଷ୍ଟ ଦଳର ଚେୟାରମାନ ମାଓ ସେତୁଙ୍ଗ ପାଇଁ ଚାଳିଶ ଟ ସ୍ୱାଦିଷ୍ଟ ଆମ୍ବ ପଠାଇଲେ । ସେତେବେଳେ ମାଓ ଆରମ୍ଭ କରିଥିବା ଗ୍ରେଟ ଲିପ ଫରୱାଡ ଆନ୍ଦୋଳନ ବିଫଳ ହୋଇଥାଏ । ଦେଶର ଅର୍ଥନିତୀ ଭାଙ୍ଗି ପଡିଥାଏ। ଏକ ଭିଷଣ ଦୁର୍ଭିକ୍ଷରେ ୩୦ ମିଲିଅନ ଲୋକ ମରିଥାଆନ୍ତି। ଦଳରୁ ଚାପା ପ୍ରତିବାଦ ଶୁଣା ଯାଉଥାଏ । ମାଓ ଙ୍କର ପ୍ରତିଷ୍ଠା ଦଳରେ ଦୁର୍ବଳ ହୋଇପଡିଥାଏ । ଚତୁର ମାଓ ପ୍ରଚାର କଲେ ଯେ ବିପ୍ଲବ ର ଅନେକ ଶତ୍ରୁ ଏବେବି ରହିଛନ୍ତି । ସେମାନେଙ୍କ ଚକ୍ରାନ୍ତରୁ ଦେଶର ଯୋଜନା ବିଫଳ ହେଉଛି। ସେମାନଙ୍କୁ ଖୋଜି ନିପାତ କରିବା ପାଇଁ ସେ ରେଡ ଗାର୍ଡ ମାନଙ୍କୁ ଆହ୍ୱାନ ଦେଲେ । ଦେଶ ସାରା ଆତଙ୍କ ରାଜ ଚାଲିଲା । ପଦସ୍ଥ ଅଫିସର,ପାର୍ଟି କର୍ମକର୍ତା ମାନଙ୍କୁ ନିନ୍ଦା କରାଗଲା, ମାଡ ଦିଆଗଲା, ହତ୍ୟା ମଧ୍ୟ କରାଗଲା ଅନେକଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରାଗଲା, ନିଜ ମୁହଁରେ ନିଜର ଭୂଲ ସ୍ୱୀକାର କରିବାକୁ କୁହାଗଲା। ସବୁଆଡେ ସଂଘର୍ଷ ଆରମ୍ଭ ହେଲା। ଯେଉଁ ମାନେ ମାଓ ଙ୍କୁ ସମାଲୋଚନା କରୁଥିଲେ ସେମାନେଙ୍କୁ ଦଳରୁ ତଡାଗଲା ।

ଏତିକି ବେଳେ ଆମ୍ବ ପହଂଚିଲା । ଚାଇନାରେ ଆମ୍ବ ହୁଏ ନାହିଁ । ମାଏ ସେ ଆମ୍ବକୁ ଦେଶର ୪୦ ଟି ପ୍ରଦେଶକୁ ପଠାଇ ଦେଲେ। ଚେୟାର ମାନ ପଠେଇଛନ୍ତି,ଏହା ଭାବି ଯେଉଁ ମାନେ ପାଇଲେ ନିଜକୁ ଭାଗ୍ୟବାନ ମନେକଲେ । ଆମ୍ବକୁ ସସମ୍ମାନେ ମୁଲ୍ୟବାନ ପାତ୍ରରେ ରଖାଗଲା । ରାଷ୍ଟ୍ରିୟ ମର୍ଯ୍ୟାଦା ଦିଆଗଲା । ଫୁଲ,ଚନ୍ଦନ ଧୂପକାଠି ଲାଗିଲା । ହଜାର ହଜାର ଲୋକ ତାକୁ ସମ୍ମାନ ଜଣାଇଲେ । ଆମ ନେତା ହଜାର ବର୍ଷ ବଂଚନ୍ତୁ ବୋଲି ଗାଇ ବୋଲିଲେ । ମାଓ ଆମ୍ବ ପଠାଇଛନ୍ତି ଏଥିପାଇଁ ଦେଶର ଲୋକମାନେ ଦିନଦିନ ଧରି ଉତ୍ସବ କଲେ,କାନ୍ଦିଲେ ହସିଲେ,ସେହି ଆମ୍ବ ପଚିବାରୁ ସେ ପଚାରସକୁ ବାହାର କରି ପାତ୍ରରେ ରଖି ପାଣି ମିଶାଇ ମହାପ୍ରସାଦ ଭଳି ଦେଶର ପ୍ରତି ଗ୍ରାମରେ ବାଂଟିଲେ । ଦେଶ ସାରା ଶୋଭାଯାତ୍ରା ଚାଲିଲା । ସବୁ ଆଡେ ଆମ୍ବ ଚାରିପାଖେ ନାଚଗିତ ଦିନ ରାତି ଚାଲିଲା । ତାକୁ ନେଇ ଅନେକ କବିତା, ଲେଖାଗଲା । ଆମ୍ବର ଅବିକଳ ପ୍ଲାଷ୍ଟିକ ରେ ତିଆରି ହୋଇ ଦେଶ ସାରା ବଂଟା ହେଲା । ମାଓଙ୍କର ଦୟାରେ ଲୋକ ମାନେ କାନ୍ଦି ପକାଇଲେ । ଜଣେ ବିଶିଷ୍ଟ ବୈଜ୍ଞାନୀକ ଡାଃ ହାନ ଏହାକୁ ପାଗଳାମି ବୋଲି କହିବାରୁ ତାଙ୍କୁ ଧରି ରାସ୍ତାରେ ଚଲାଗଲା, ଗୁଳିକରି ମାରିଦିଆଗଲା। ଅନେକ ଦିନ ପରେ କ୍ଲାନ୍ତ ହେଲାପରେ ଲୋକମାନ ଙ୍କର ମ୍ୟାଙ୍ଗୋ ଫିଭର କମିଲା ।

ସବୁ ଦେଶରେ ଅଳ୍ପ ବହୁତ ଏପରି ହେଉଛି । ଆମ ଦେଶ ରେ ଜରୁରୀ କାଳିନ ସମୟରେ ଦେଶ ସାରା ଫାସିଷ୍ଟ ବିରୋଧୀ ଆନ୍ଦୋଳନ ଚାଲିଲା । ଯିଏ ଇନ୍ଦିରା ଗାନ୍ଧୀ ଓ ତାଙ୍କ ସୁପୁତ୍ର ସଞ୍ଜୟଙ୍କୁ ବିରୋଧ କଲା ତାକୁ କୁହାଗଲା ଫାସିଷ୍ଟ । ଦିନ ରାତି ଫାସିଷ୍ଟଙ୍କୁ ଖୋଜାଗଲା । ମାତ୍ର କାହାକୁ ଫାସିଷ୍ଟ କୁହାଯାଏ,କେହିଜାଣି ନଥିଲେ । ନେତାଙ୍କ ଦେହରେ ଇଶ୍ୱରତ୍ୱର ପରିକଳ୍ପନା ଥରେ କଲେ ତାପରେ ସେ ସମାଲୋଚନାର ଉର୍ଦ୍ଧ୍ୱକୁ ଚାଲିଯାଆନ୍ତି । ସାଧାରଣ ଲୋକ ମାନେ ଅନ୍ଧ ଭାବରେ ତାଙ୍କୁ ଅନୁକରଣ କରନ୍ତି । ସମାଜର ବିବେକ ହଜିଯାଏ । ମାସ ହିଷ୍ଟେରିଆ ର ସୃଷ୍ଟି ହୁଏ । ମହାତ୍ମା ଗାନ୍ଧି ଙ୍କୁ ଥରେ ଲୋକମାନେ ଇଶ୍ୱର ଭାବି ଦେଲା ପରେ ତାଙ୍କର ବାକ୍ୟ ବେଦର ଗାର ହୋଇଗଲା । ସୁଭାଷ ବୋଷ ଅପମାନିତ ହୋଇ ଦେଶ ଛାଡିଲେ । ଏକ କଳ୍ପିତ କେନ୍ଦ୍ର ଅବହେଳାରେ,ମହାନଦୀ କୁ ବଂଚାଅ ଡାକରାରେ ନିଜର ସ୍ୱାର୍ଥ ପାଇଁ କିପରି ଲକ୍ଷ ଲକ୍ଷ ଲୋକଙ୍କୁ ରାସ୍ତାକୁ ଅଣାହୋଇ ଶୋଭାଯାତ୍ରା କରାଗଲା ତାହା ସମସ୍ତେ ଜାଣନ୍ତି । ନିଜର ନିର୍ବାଚନୀ ଲାଭ ହାସଲ ହେଲା ପରେ ଆଉ ତାହା ଶୁଣାଗଲାନି ।

ଯୁଗେଯୁଗେ ନିଜର ସ୍ୱାର୍ଥ ହାସଲ ପାଇଁ ସରଳ ଲୋକ ମାନଙ୍କୁ ପ୍ରତାରିତ କରିବା ଖାଲି ଚାଇନା କାହିଁକି ଅଳ୍ପ ବହୁତେ ସବୁଦେଶରେ ହେଉଛି । ଲୋକ ମାନଙ୍କ ଦେହରେ ନେତାଙ୍କୁ ଭଲପାଅ ଫିଭର ସୃଷ୍ଟି କରି ସେମାନେ ନିଜ ଫାଇଦା ହାସଲ କରି ଦେଉଛନ୍ତି ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮୬


# ଚମକ ହରାଇଛି ସୂଚନା ଅଧିକାର ଆଇନ

**ଗୋପାଳ ମହାପାତ୍ର**



ଠିକ୍ ୧୫ବର୍ଷ ପୂର୍ବେ ଭାରତୀୟ ନାଗରିକମାନଙ୍କୁ ଉପହାର ସ୍ୱରୂପ ମିଳିଥିଲା ଏକ ଆଇନ୍ ଯାହାଦ୍ୱାରା ସରକାରଙ୍କ ଠାରୁ ସୂଚନା ପାଇବା ପାଇଁ ବାଟ ପ୍ରଶସ୍ତ କରିଦେଇଥିଲା । ଏହିସୂଚନା ଅଧିକାର ଆଇନକୁ କେନ୍ଦ୍ର ଓ ରାଜ୍ୟ ସରକାର ମାନେ କାର୍ଯ୍ୟକାରୀ କରିଥିଲେ । କେନ୍ଦ୍ର ସ୍ତରରେ ମୁଖ୍ୟ ସୂଚନା କମିଶନ ଓ ରାଜ୍ୟ ସ୍ତରରେ ସୂଚନା କମିଶନର ପଦବୀରେ ନିଯୁକ୍ତି ମଧ୍ୟ ଦିଆଯାଇଥିଲା । ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଏମାନଙ୍କ ସୁରକ୍ଷିତ ସେବାର ପ୍ରାବଧାନ ମଧ୍ୟ ଥିଲା । ଯେଉଁ ସରକାରୀ ଅଧିକାରୀମାନେ ସୂଚନା ଅଧିକାର ଆଇନ ଅନୁସାରେ ସୂଚନା ପ୍ରଦାନ ନକରିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ଅଧିକାର ସୂଚନା କମିଶନର ମାନଙ୍କୁ ଦିଆଯାଇଥିଲା । ଏକ ଦଶନ୍ଧି ପର୍ଯ୍ୟନ୍ତ ଏହି ଆଇନ ଠିକ୍ ଭାବରେ କାର୍ଯ୍ୟ କରିଥିଲା । କିନ୍ତୁ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରଠାରୁ ଏହି ଆଇନ ତାର ଚମକ ହଜାଇ ଦେଇଛି । ଅନ୍ୟ ଅର୍ଥରେ କହିବାକୁ ଗଲେ ଏହି ଆଇନ ଏବେ ଦନ୍ତହୀନ ହୋଇପଡିଛି । ଗତବର୍ଷ ଜୁଲାଇ ମାସରେ ସୂଚନା ଅଧିକାର ଆଇନରେ କେତେକ ସଂଶୋଧନ କରାଯାଇଥିଲା । ସରକାର ସୂଚନା ପ୍ରଦାନ କରିବା ଅଥବା ପ୍ରଶ୍ନର ଉତ୍ତର ଦେବା କଥାକୁ ଯେ ନାପସନ୍ଦ କରୁଛନ୍ତି ଏକଥା ସଂଶୋଧନରୁ ସ୍ପଷ୍ଟ । ଏହି ଆଇନରେ ସରକାର ଏମିତି ସବୁ ସଂଶୋଧନ କଲେ ଯେ ଆଇନ ଦେଖିବାକୁ ବାଘ ହେଲେ ମଧ୍ୟ ତାର ଦାନ୍ତ ନାହିଁ ।

ଦେଶରେ କାର୍ଯ୍ୟ କରୁଥିବା କେତେକ ସ୍ୱେଚ୍ଛାସେବୀ ସଂଗଠନ ଓ ସୂଚନା ଅଧିକାର କର୍ମକର୍ତ୍ତାମାନଙ୍କ ତରଫରୁ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ଏକ ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟ ଅନୁସାରେ ଦେଶର ବିଭିନ୍ନ ରାଜ୍ୟରେ ଥିବା ସୂଚନା କମିଶନଙ୍କ ମଧ୍ୟରୁ ତୃତୀୟାଂଶ ସୂଚନା କମିଶନଙ୍କ କାର୍ଯ୍ୟାଳୟରେ କେଉଁଠି ସୂଚନା କମିଶନର ନାହାଁନ୍ତି ଓ କେଉଁଠି କାର୍ଯ୍ୟାଳୟରେ କର୍ମଚାରୀ ନାହାଁନ୍ତି । ଅନ୍ୟପକ୍ଷରେ ଯେତିକି ସୂଚନା କମିଶନର ରହିବା କଥା ସେଥିମଧ୍ୟରୁ ଏକ ଚତୁର୍ଥାଂଶ ପଦବୀ ଦେଶରେ ଖାଲି ପଡିଛି । ଝାରଖଣ୍ଡ ଏବଂ ତ୍ରିପୁରାର ସୂଚନା କମିଶନଙ୍କ କାର୍ଯ୍ୟାଳୟ ଏକ ପ୍ରକାର ନିର୍ଜୀବ ହୋଇପଡିଛି । କାରଣ ଏଠାରେ ସୂଚନା କମିଶନର ଭାବେ କାହାରିକୁ ନିଯୁକ୍ତୀ ଦିଆଯାଇନାହିଁ । ୯ଟି ରାଜ୍ୟରେ ସୂଚନା କମିଶନର ପଦବୀ ଖାଲିପଡିଥିବା ବେଳେ କେନ୍ଦ୍ରରେ ମୁଖ୍ୟ ସୂଚନା କମିଶନର ଭାବେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ । ଏସବୁ କାରଣରୁ ସୂଚନା କମିଶନଙ୍କ କାର୍ଯ୍ୟ ଧିମେଇ ଯିବା ସ୍ୱାଭାବିକ । ସାଧାରଣ ନାଗରିକମାନେ ମଧ୍ୟ ସଠିକ ସୂଚନା ପାଇପାରୁନାହାଁନ୍ତି । ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ଏହାର ପ୍ରସିଦ୍ଧି ବଢିଯାଇଥିଲା । ଏହାର ଉଦାହରଣ ହେଉଛି ଆଇନ କାର୍ଯ୍ୟକାରୀ ହେବାର ମାତ୍ର କିଛି ମାସ ମଧ୍ୟରେ ବିଭିନ୍ନ ରାଜ୍ୟର ସୂଚନା କମିଶନ ଓ କେନ୍ଦ୍ରୀୟ ସୂଚନା କମିଶନଙ୍କ ନିକଟରେ ୩୩ନିୟୁତ ଆବେଦନ ପିକୃତ ହୋଇଥିଲା । ଏଥିମଧ୍ୟରୁ ୯୦ପ୍ରତିଶତ ଆବେଦନ ଉପରେ ଅପିଲ ମଧ୍ୟ କରାଯାଇଥିଲା । ଏଥିରୁ ସ୍ପଷ୍ଟ ଯେ ଆବେଦନକାରୀମାନେ ସେମାନଙ୍କ ଆବେଦନ ପରେ ମିଳିଥିବା ଉତ୍ତର (ସୂଚନା) କାରଣରୁ ସନ୍ତୁଷ୍ଟ ଥିଲେ।

ଭାରତୀୟ ଜନତା ପାର୍ଟି ସରକାରଙ୍କ ଠାରୁ ସୂଚନା ପାଇବା ପାଇଁ ଏହି ସୂଚନା ଅଧିକାର ଆଇନର ଅଧିକ ବ୍ୟବହାର କରିଛି ତଥା ୨୦୧୪ର ଲୋକସଭା ନିର୍ବାଚନ ବେଳେ ଏହି ଆଇନ ଅନୁସାରେ ପାଇଥିବା ସୂଚନାକୁ ମଧ୍ୟ ବ୍ୟବହାର କରିଛି । କିନ୍ତୁ ବିଡ଼ମ୍ବନା ଯେ ଶାସନ ଗାଦିକୁ ଆସିବା ପରେ ସେଇ ଦଳ (ବିଜେପି) ସୂଚନା ଅଧିକାର ଆଇନକୁ ହତୋତ୍ସାହିତ କରିବା ଆରମ୍ଭ କରିଦେଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଆଇନରେ ଯେଉଁ ସଂଶୋଧନ କରାଗଲା ତାହାଦ୍ୱାରା ସୂଚନା ମିଳିବାର ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି । ସରକାର ସୂଚନା ଅଧିକାର ଆଇନର ଧାରା (ଖଣ୍ଡ) ୧୩ ଓ ୧୬ରେ ସଂଶୋଧନ କଲେ । ମୂଳ ଆଇନ ଅନୁସାରେ କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନରଙ୍କ କାର୍ଯ୍ୟକାଳ ୫ବର୍ଷ (୫ବର୍ଷ ଅଥବା ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ବୟସ ୬୫ବର୍ଷ ହେବା ପର୍ଯ୍ୟନ୍ତ ଯାହା ପ୍ରଥମେ ହେବ) ବୋଲି ନିର୍ଦ୍ଧାରିତ କରାଯାଇଥିଲା । କିନ୍ତୁ ସଂଶୋଧନ ପରେ ଏବେ ଏଥିରେ ପରିବର୍ତ୍ତନ କରାଯାଇଛି। ସଂଶୋଧନ ପୂର୍ବର ଆଇନ ଅନୁସାରେ ମୁଖ୍ୟ ସୂଚନା ଅଧିକାର କମିଶନରଙ୍କ ବେତନ, ଭତ୍ତା ଓ ଅନ୍ୟ ସବୁ ସେବାର ସର୍ତ୍ତ ମୁଖ୍ୟ ନିର୍ବାଚନ କମିଶନରଙ୍କ ଭଳି ରହିବ ଓ ସୂଚନା କମିଶନରଙ୍କ ସେବା କାଳର ସର୍ତ୍ତ ନିର୍ବାଚନ କମିଶନରଙ୍କ ଭଳି ରହିବ। କିନ୍ତୁ ସଂଶୋଧନ ପରେ ଏବେ ବେତନ, ଭତ୍ତା ଏବଂ ସେବାର ସର୍ତ୍ତ (ମୁଖ୍ୟ ସୂଚନା କମିଶନର ଓ ସୂଚନା କମିଶନରଙ୍କର) କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବେ । ଏଥିରୁ ସ୍ପଷ୍ଟ ଯେ, ସରକାର ମୂଳ ଉପରେ କାର୍ଯ୍ୟକାଳ ଉପରେ ନିୟନ୍ତ୍ରଣ ଆଣି ସୂଚନା କମିଶନରଙ୍କ ଭୂମିକାରେ ପରିବର୍ତ୍ତନ କରିଛନ୍ତି ତଥା ବେତନ, ଭତ୍ତା ତଥା ସେବାର ଅନ୍ୟ ସର୍ତ୍ତକୁ ନିର୍ଦ୍ଧାରଣ କରିବାର କ୍ଷମତା ବା ଅଧିକାର ପାଇଛନ୍ତି ।

କେବଳ ସେତିକି ନୁହେଁ ସଂଶୋଧନ ଅନୁସାରେ ଏସବୁ ସର୍ତ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ସବୁ ରାଜ୍ୟ ପାଇଁ ସ୍ଥିର କରାଯିବ ଏପରିକି ମୁଖ୍ୟ ସୂଚନା କମିଶନରଙ୍କ ସମେତ ସୂଚନା କମିଶନରମାନଙ୍କ ନିଯୁକ୍ତି କେନ୍ଦ୍ର ସରକାର କରିବେ । ରାଜ୍ୟ ସରକାରମାନେ ରାଜ୍ୟରେ ସୂଚନା କମିଶନରଙ୍କୁ ନିଯୁକ୍ତି ଦେଉଥିଲେ ଏବେ କେନ୍ଦ୍ର ସରକାର ନିଯୁକ୍ତି ଦେବେ । ଏବେ କେନ୍ଦ୍ର ସରକାର କୃଷି କ୍ଷେତ୍ର ପ୍ରସଙ୍ଗରେ ଯେଉଁ ଆଇନ ପ୍ରଣୟନ କରିଛନ୍ତି ସେମ ଆଇନ୍ ଅନୁସାରେ ରାଜ୍ୟ ସରକାରମାନଙ୍କର କର୍ତ୍ତୃତ୍ୱ କିଛି ପରିମାଣରେ ହ୍ରାସ ପାଇଚି ଏହା ସଂଘବାଦ ସିଦ୍ଧାନ୍ତର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ କେନ୍ଦ୍ର ସରକାର ଆଇନ ପ୍ରଣୟନ କରି ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱ ହ୍ରାସ ପାଇଁ ଉଦ୍ୟମ ଚଳାଇଛନ୍ତି । ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ସରକାର ସୂଚନା ଅଧିକାର ଆଇନକୁ ଏକ ଝଟକାରେ ଚମକହୀନ, ଦନ୍ତହୀନ କରି ଦେଇଛନ୍ତି ଯାହା ଆଦୌ ଶୁଭ ସଙ୍କେତ ନୁହେଁ ।


+ ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪


## କବିତା କୋଣାର୍କ

### ଡିହମାଟି...

**ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ)**

ଗରିବ ଚାଷୀଟେ ଯେବେ
ଆଗକୁ ପଛକୁ ନଚାହିଁ
ବାରମ୍ୱାର ହାରୁଥିବା ଜୀବନକୁ
ହାରିଦେଇ କିଆରି ପାଖରେ
ଲୟଲୟ ହେଇ ଶୋଇଯାଏ
ପାଖରୁ ଦେଖିଲେ ଲାଗେ;
ସତେଅବା ହିଡପରେ
ନିଜ ହାତେ କତି ମାରି
ଲଦିଥିବା ହିଡମାଟି ସିଏ ।

ଡରଲାଗେ ସିଧା ଚାହିଁବାକୁ
ସର୍ବହରା ଚାଷୁଣୀ ମୁହଁକୁ,
ତା ଆଖି ଲୁହରେ ଜଡଜଡ ହେଇ
କାତରା ଦିଶୁଥିବା ତା ପିଲାମାନଙ୍କୁ,
ନେଡିରେ ଲୁହକୁ ପୋଛି
ବିକଳରେ ଆଉଁସୁଥାନ୍ତି ସେମାନେ
ନିରବି ଯାଇଥିବା
ସେଇ ହିଡମାଟିକୁ ଏମିତି
ଯେମିତି ସେ ନିଷ୍ପ୍ରାଣ ଶରୀରକୁ
ବାହୁଡ଼ିବା ପ୍ରାଣ ପୁଣିଥରେ ।

କାହିଁକି କେଜାଣି ଯୁ କୁଳାଏନି
ସାହସ ଦେବା ଆଳରେ
ବୁଝେଇସୁଝେଇ କହିବାକୁ,
"ଗଲାଲୋକ ତ ଗଲାଣି,
ବାହୁନିଲେ କିବା ଲାଭ ଆଉ,
ଥାଉ, ଗଡ଼ାଅନି ଲୁହ ଅଯଥାରେ
ଗଲା ଲୋକ ଫେରିବନି ଆଉ
ବରଂ ଶ୍ରେୟସ୍କର ହେବ
ପିଲାଙ୍କ ମୁହଁକୁ ଚାହିଁ ତୁନି ପଡିଗଲେ ।'

ସବୁଠାରୁ ବେଶୀ ଦୁଃଖଲାଗେ,
ସରିଗଲେ ଶବ ବ୍ୟବଚ୍ଛେଦ;
ରିପୋର୍ଟରେ ଲେଖାଥାଏ,
ବିଷକ୍ରିୟା, ଶ୍ୱାସରୁଦ୍ଧ, ଉଚ୍ଚ ରକ୍ତଚାପ
ଏଇମିତି କିଛି ଥିଲା ମୃତ୍ୟୁର କାରଣ ।;

କେଉଁଠି ତ ଲେଖା ନଥାଏ କାହିଁ,
ଅତ୍ୟଧିକ ଋଣଭାର,
ଶସ୍ୟହାନି, ଅଭାବ କଷଣ,
ଅବା ସାହୁକାର ଜୁଲମ
କିମ୍ୱା, ସେମିତି ଆଉକିଛି
ପ୍ରାଣ ନେଲା ବୋଲି !!'

ଘୃଣାଲାଗେ ଶୁଣିବାକୁ ଟିଭିରେ ବିତର୍କ
ନେତା ଆଉ ମନ୍ତ୍ରୀଙ୍କ ବୟାନବାଜି,
ଅର୍ଥହୀନ, ଅପହଁଚ ଓ ଅଦୂରଦର୍ଶୀ
ମାଳମାଳ ଯୋଜନାକୁ ନେଇ ।

ଲାଜ ଲାଗେ କହିବାକୁ,
"ଯୋଜନାର ମାଳ ଲମ୍ୱିଥାଏ
କୋଶେ ଛାଡି ସମାନ୍ତରାଳରେ
ଯାହାକୁ ଆଶାୟୀ ଆଖିରେ ଚାହିଁ
ଗରିବିର ଭାର ବୋହୁ ବୋହୁ,
ଚାଷୀ ତା ହିଡରେ ହିଡମାଟି ହୁଏ ॥


+ ହରସିଂହ ପୁର, ପୀରହାଟ ବଜାର, ଭଦ୍ରକ-୭୫୬୧୩୧
ମୋ: ୯୪୩୮୬୭୦୧୨୦/ ୯୯୩୭୫୪୮୪୩୧


### ଦୁଃଖହାରି...

**ଇଂ. ଗାୟତ୍ରୀ ତ୍ରିପାଠୀ**

ଦୁଃଖରେ ମୁଁ ଖୋଜେ ତୋତେ
ସୁଖରେ ମୁଁ ଭଜେ
ଦୁଃଖହାରି, ସୁଖଦାତା
ଭାବରେ ମୁଁ ହଜେ ॥

ମୋ ବଡ଼ ଠାକୁର ତୁରେ
ବିଜେ ମୋ ଦେହରେ
ରସାମୃତ ପିଏ ମୁଯେ
ତୋ ନାମ ଜପେ ରେ ॥

ସବୁ ତ ଦେଇଛୁ ମୋତେ
ଭାବଗ୍ରାହୀ ସତେ
ଆଖିର ଲୁହରେ ଡୁବେ
ଦେଖି ଦେଖି ତୋତେ ॥

କି ବିଶାଳ ତୋ ହୃଦୟ
ଅସୀମ ଅନନ୍ତ
ଭାବର ସାଗର ତୁରେ
ମୋ ହୃଦୟ ହାର ॥

ଅନୁଭବ କଥା କହେ
ଶବ୍ଦର ଅଭାବ
ପ୍ରେମର ଲହରୀ ତୁରେ
ଦୟାର ସାଗର ॥


+ ଫୋରେଷ୍ଟ ପାର୍କ, ଭୁବନେଶ୍ୱର


## କବିତା କୋଣାର୍କ

### ପେନ୍ଥାଏ କାର୍ତ୍ତିକ...

**ସୁଦର୍ଶନ ମହାପାତ୍ର**

କାର୍ତ୍ତିକ ଆସଇ ପାର୍ବଣ ଋତୁରେ
ପବିତ୍ର ମନଟେ ନେଇ
ଶାଶ୍ୱତ ସୁନ୍ଦର ଅନ୍ତର ଆତ୍ମାକୁ
ଭାବ ଯାଏ ଛୁଇଁ
ହବିଷ ଅନ୍ନର ଅପୂର୍ବ ମହକ
ଖେଳିଯାଏ ପ୍ରତି ଘରେ
ସାତ୍ତ୍ୱିକ ଆହାରେ ପ୍ରଫୁଲ୍ଲିତ ହୁଏ
ସବୁମନ ସଦାଚାରେ ॥

ଦେଉଳେ ଶୁଭଇ ଘଣ୍ଟ ଘଣ୍ଟା ନାଦ
ସୁମଧୁର ଭକ୍ତି ସ୍ୱନ
କାର୍ତ୍ତିକ ମାହାତ୍ମ୍ୟ ପଢିଣ ସଭିଏଁ ଜୀବନ
କରନ୍ତି ଧନ୍ୟ

କାଳି ଅନ୍ଧାରରୁ ଭକ୍ତଜନଙ୍କର
ଶୁଭଇ କୀର୍ତ୍ତନ ଧ୍ୱନି
ରାଧାଦାମୋଦର ପାଦେ ଭକ୍ତି ଅର୍ପି
କରନ୍ତି ସର୍ବେ ଦୟିନୀ ॥

ଶୁଭ ଦୀପାବଳୀ ଉତ୍ସବ ପାଳନେ
ଶ୍ରଦ୍ଧା ଭକ୍ତି ନିଦର୍ଶନ
ପୟା ଶ୍ରାଦ୍ଧ ଦେଇ ପିତୃପୁରୁଷଙ୍କୁ
ସ୍ମରିବାର ଏହି ଦିନ
ମାଆ ଶ୍ୟାମାକାଳୀ ପୂଜା ଆରାଧନେ
ହସିଉଠେ ଏଇ ଧରା ॥

ପୂର୍ଣ୍ଣିମାରେ ପୁଣି ସାଧବ ସୁଅଙ୍କ ଗୌରବର
ଗାଥା ଗାଇ
ଆ କା ମା ଭୈ ମୁଖରିତ ହୁଏ
ବୋଇତ ଟିଏ ଭସେଇ
ମା' ବୃନ୍ଦାବତୀ ପାଖେ ମୁରୁଜରେ
ସ୍ୱସ୍ତିମୟ ଛବି ଝଳେ
ପବିତ୍ର ପଞ୍ଚୁକ, ବଡ଼ଓଷା କଲେ
ଈଶ୍ୱର ଆଶିଷ ମିଳେ ॥

କାର୍ତ୍ତିକ ପ୍ରତିଟି ମଣିଷ ହୃଦୟେ
ଅସନଟେ ପାତି ଦିଏ
ଧର୍ମ ଆଚରଣେ କଳୁଷ ପାପକୁ
ପୂଣ୍ୟମୟ କରିଦିଏ ॥


+ କୁଞ୍ଜବିହାରୀ ଲେନ, କଟକ

# ଆମେ କଣ ସ୍ୱାଧୀନ ?



## ସୀତାରାମ ପାତ୍ର

୧୯୪୭ ମସିହା ଅଗଷ୍ଟ ୧୫ତାରିଖ ଭାରତୀୟ ମାନଙ୍କ ପାଇଁ ଅବିସ୍ମରଣୀୟ ଦିବସ। ଏହିଦିନ ଆମେ ସ୍ୱାଧୀନ ହୋଇଥିଲୁ। ଇଂରେଜ ଶାସନରୁ ଭାରତ ମୁକ୍ତ ହୋଇଥିଲା ଏହିଦିନ, ଯାହା ସ୍ୱପ୍ନ ଥିଲା ୨୦୦ବର୍ଷର ଇଂରେଜ ଶାସନରେ ନିର୍ଯ୍ୟାତିତ ପ୍ରତ୍ୟେକ ଭାରତୀୟଙ୍କର। 'ସ୍ୱାଧୀନ ଭାରତ'ରେ ରାମରାଜ୍ୟର ସୁନେଲି ସ୍ୱପ୍ନରେ ସେମାନେ ଥିଲେ ବିଭୋର। ବହୁ ରକ୍ତ ଓ ଜୀବନ ବିନିମୟରେ, ତାହା ଜାଲିଓ୍ୱାନାବାଗ ହତ୍ୟାକାଣ୍ଡ ହେଉ କିମ୍ବା ଓଡ଼ିଶାର ଇରମ୍ କିମ୍ବା ତୁଡ଼ିଗଡ଼ିଆ ଠାରେ ଇଂରେଜ ଗୁଳିରେ ଜୀବନ ଦେଇଥିବା ଭାରତମାତାର ସନ୍ତାନ ହୁଅନ୍ତୁ ଅଥବା ସହୀଦ୍ ବାଘାଯତୀନ, ଖୁଦିରାମ, ବାଜି ରାଉତ ଓ ଏମାନଙ୍କ ଭଳି ଅନେକ ସହୀଦ୍ଙ୍କ ଜୀବନ ବିନିମୟରେ ଭାରତ ଜନନୀର ହାତରୁ ବ୍ରିଟସ୍ ଶୃଙ୍ଖଳ ଛିନ୍ନ ହୋଇଗଲା ସତ୍ୟ, କିନ୍ତୁ ଭାରତବାସୀଙ୍କର ରାମରାଜ୍ୟର ସୁନେଲି ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଗଲା। ଭାରତବାସୀଙ୍କର ଆଶା, ଆକାଂକ୍ଷା ଦିବା ସ୍ୱପ୍ନ ଭଳି ମିଳେଇ ଗଲା। ଗୋରା ଶାସକଙ୍କ ହାତରୁ ଶାସନ ଡୋରୀ ଆସି ରହିଲା କଳା ଶାସକଙ୍କ ହାତରେ। 'ମହରଗରୁ ଯାଇ କାନ୍ତାରରେ ପଡ଼ିଲା' ଭଳି ବର୍ତ୍ତମାନର ଅବସ୍ଥା। ବ୍ରିଟିସ୍ ଶାସନରୁ ଆମେ ସ୍ୱାଧୀନ ହେଲେ ସତ୍ୟ, କିନ୍ତୁ ପ୍ରକୃତରେ ଆମେ କଣ ସ୍ୱାଧୀନ?

ଭାରତୀୟ ସମ୍ବିଧାନ ଅନୁସାରେ, ପ୍ରତ୍ୟେକ ନାଗରିକ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆବାଳ ବୃଦ୍ଧ ବନିତା ସମସ୍ତେ ସମାନ। କିନ୍ତୁ ବାସ୍ତବତା ଭିନ୍ନ। ଏଠି ଜାତି, ଧର୍ମ, ଲିଙ୍ଗ ଭିରେ ଆଇନ୍ ଭିନ୍ନ ଭିନ୍ନ। ଜାତି ଭିରେ ହରିଜନ, ଆଦିବାସୀମାନଙ୍କ ପାଇଁ ଭିନ୍ନ ଆଇନ୍ ଥିବା ବେଳେ ଧର୍ମ ଭିତ୍ତିରେ, ମୁସଲମାନ ପର୍ସନାଲ 'ଲ', ହିନ୍ଦୁମାନଙ୍କ ପାଇଁ ହିନ୍ଦୁ ଉରାଧିକାର ଆଇନ୍ ଗୋଟିଏ ଗୋଟିଏ ପ୍ରମାଣ। ହରିଜନ, ଆଦିବାସୀ ପି.ଏ ଆକ୍ଟ ଅନ୍ୟମାନଙ୍କ ପାଇଁ (ଅନ୍ୟ ଜାତିର ଲୋକମାନଙ୍କ ପାଇଁ) ଏକ ଅସ୍ତ୍ର ରୂପେ ବ୍ୟବହୃତ ହେଉଥିବା ବେଳେ ତାହାର ଦୁରୁପଯୋଗ ବହୁ ପରିମାଣରେ ହେଉଛି। ଏହି ଆଇନ୍ ବିନା ହରିଜନ, ଆଦିବାସୀମାନେ ନ୍ୟାୟ ପାଇପାରିବେ ନାହିଁ କାହିଁକି? ଦ୍ୱିତୀୟରେ ଏହି ଆଇନ୍ ଆମର ସମ୍ବିଧାନ (ସମାନତାର ଅଧିକାର)ର ଉଲ୍ଲଙ୍ଘନ କରୁନାହିଁକି? ଏଭଳି ଆଇନ୍ କାହିଁକି? ଲୋକଙ୍କ ହିତ ପାଇଁ, ନା ରାଜନୈତିକ ଦଳ ଓ ନେତାଙ୍କ ରାଜନୈତିକ କ୍ୟାରିଅର ପାଇଁ?

ଏହା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ, ଯଥା - ଚାକିରୀ, ପଦୋନ୍ନତି ପ୍ରଭୃତି ସହିତ ନିର୍ବାଚନରେ ସଂରକ୍ଷଣ ଲାଗୁ କରାଯାଉଛି। ଏହା ଦ୍ୱାରା କିଛି ଯୋଗ୍ୟ ବ୍ୟକ୍ତିଙ୍କର ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହେଉନାହିଁକି? ପ୍ରଥମେ ନିର୍ବାଚନରେ ସଂରକ୍ଷଣ ସମ୍ପର୍କରେ ତର୍ଜମା କଲେ ତାହା ସ୍ପଷ୍ଟ ପ୍ରମାଣିତ ହୋଇପାରିବ। ନିର୍ବାଚନରେ ହରିଜନ, ଆଦିବାସୀ ଓ ବିଭିନ୍ନ ବର୍ଗର ମହିଳା ମାନଙ୍କ ପାଇଁ ସଂରକ୍ଷଣ ଲାଗୁ କରାଯାଇଛି। ଉଦ୍ଦେଶ୍ୟ ଯାହା ଥାଉନା କାହିଁକି ତାହାଯେ ବିଫଳ, ସେଥିରେ ତିଳେ ହେଲେ ସନ୍ଦେହ ନାହିଁ। ବିଭିନ୍ନ କ୍ଷେତ୍ରରେ ସଂରକ୍ଷିତ ଆସନରୁ ନିର୍ବାଚିତ ଆଦିବାସୀ, ହରିଜନ, ମହିଳାମାନଙ୍କ ମଧ୍ୟରୁ କିଛି ଯୋଗ୍ୟ ଥିବାବେଳେ ଆଉ କେତେକ ନିର୍ବାଚିତ ଜନପ୍ରତିନିଧି ସମ୍ପୂର୍ଣ୍ଣ ଭାବରେ ରାଜନୀତି ଠାରୁ ଦୂରରେ। କେବଳ ଦଳୀୟ ସ୍ୱାର୍ଥ ପାଇଁ ଏମାନଙ୍କୁ ଟାଣି ଓଟାରି ନିର୍ବାଚନ ମଇଦାନରେ ଛିଡ଼ା କରାଇ ନିର୍ବାଚିତ କରାଯାଇଥାଏ। ଏମାନଙ୍କ ମଧ୍ୟରେ ଅନେକ ନିର୍ବାଚିତ ପ୍ରତିନିଧି କେବଳ କାଠ କଣ୍ଢେଇ ସାଜି ଥାଆନ୍ତି। କେତେକ ସଂରକ୍ଷିତ ଆସନରେ ଜିତିଥିବା ଦଳୀୟ ନେତାମାନେ ପଦବୀର ଦୁରୁପଯୋଗ କରି କ୍ଷମତା ଉପଭୋଗ କରିଥିବା ଅଭିଯୋଗ ହୋଇ ଆସୁଛି। ଠିକ୍ ସେହିପରି ମହିଳାମାନଙ୍କ କ୍ଷେତ୍ରରେ ଦେଖିବାକୁ ଗଲେ ମହିଳାଙ୍କ ସ୍ୱାମୀ କିମ୍ବା ଦଳୀୟ ନେତା ସର୍ବେସର୍ବା ହୋଇଥିବା ବେଳେ ନିର୍ବାଚିତ ମହିଳା କେବଳ ରବର ଷ୍ଟାମ୍ପ ଭଳି ମନେ ହୁଅନ୍ତି। ସୋର ବ୍ଲକର ମହୁମୁହାଣ ଗ୍ରାମପଞ୍ଚାୟତ ଏହାର ଏକ ସଶକ୍ତ ଉଦାହରଣ। ସେହିପରି ଆମ ଦେଶ ଓ ଆମ ରାଜ୍ୟର ବିଭିନ୍ନ ଅଂଚଳରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି।

ଅପରପକ୍ଷରେ ଚାକିରୀ କ୍ଷେତ୍ରରେ ସଂରକ୍ଷଣ କାରଣରୁ ବହୁ ଯୋଗ୍ୟ ବ୍ୟକ୍ତି ଚାକିରୀ ପାଉ ନଥିବା ବେଳେ ଯୋଗ୍ୟତା ନଥାଇ ସଂରକ୍ଷଣ ପାଇଁ ଚାକିରୀ ପାଇବା ଓ ପଦୋନ୍ନତି ପାଇବା ଫଳରେ ଶାସନ କ୍ଷେତ୍ରରେ ବିଫଳତା ଦେଖିବାକୁ ମିଳୁଛି, ଯାହାର ଫଳ ସ୍ୱରୂପ ନାନାଦି ବିଶୃଙ୍ଖଳା ସୃଷ୍ଟି ହେଉଛି। ସେହିପରି ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ଯୋଗୁ ଅନୁସୂଚିତ ଜାତି ଓ ଜନଜାତି (ସ୍ୱଚ୍ଛଳ ବର୍ଗର ତଥା ସରକାରୀ କର୍ମଚାରୀଙ୍କ ପିଲା ହୋଇଥିଲେ ମଧ୍ୟ) ସରକାରୀ ଷ୍ଟାଇପେଣ୍ଡ ପାଉଥିବା ବେଳେ ଜଣେ ସାଧାରଣ ବର୍ଗର ଗରୀବ ପିଲା ପାଇଁ ସେହି ସୁବିଧା ଉପଲବ୍ଧ ନାହିଁ। ସ୍ୱାଧୀନତା ପାଇଁ ଜୀବନକୁ ବଳିଦାନ ଦେଇଥିବା ସଂଗ୍ରାମୀ ମାନେ କଣ ଏହିଭଳି ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିଲେ?

ସବୁଠାରୁ ବଡ଼ ପ୍ରସଙ୍ଗ ହେଲା, ର୍ବମାନର ଶାସନ ପଦ୍ଧତି। ସମ୍ବିଧାନ ଅନୁସାରେ ଭାରତ ଏକ ଗଣତନ୍ତ୍ର ରାଷ୍ଟ୍ର। ର୍ବମାନ ଆମଦେଶରେ ଗଣତନ୍ତ୍ର ଚାଲିଛି ନା' ରାଜନୈତିକ ଦଳ ତନ୍ତ୍ର ଚାଲିଛି? କଂଗ୍ରେସ ଦଳ ନେହେରୁ-ଗାନ୍ଧୀ ପରିବାରର ମାଲିକାନାରେ ଥିବା ବେଳେ ଆଳିକ ଦଳ ଗୁଡ଼ିକ ବିଭିନ୍ନ ବ୍ୟକ୍ତିଙ୍କ ମାଲିକାନାରେ ରହିଛି। ଯେପରି- ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସର ମାଲିକାନା ମମତା ବାନାର୍ଜ୍ଜିଙ୍କ ହାତରେ, ସମାଜବାଦୀ ପାର୍ଟିର ମାଲିକାନା ମୁଲାୟମ ଯାଦବଙ୍କ ଠାରେ, ଆର.ଜେ.ଡିର ମାଲିକାନା ଲାଲୁ ଯାଦବ ଓ ତାଙ୍କ ପରିବାର ହାତରେ, ଏପରିକି ଓଡ଼ିଶାର ବିଜେଡିର ମାଲିକାନା ନବୀନ ପଟ୍ଟନାୟକଙ୍କ ହାତରେ ଥିବା ଭଳି ଦେଶର ପ୍ରତି ରାଜ୍ୟରେ ଥିବା ଆଳିକ ଦଳ ଗୁଡ଼ିକ କୌଣସି ନା' କୌଣସି ରାଜନେତାଙ୍କ ମାଲିକାରେ ରହିଛି। ତେଣୁ ଏହି ରାଜନୈତିକ ଦଳ ଗୁଡ଼ିକ କ୍ଷମତାକୁ ଆସିଲେ ତାହା ଗଣତନ୍ତ୍ର ଶାସନ, ନା' ପରିବାର ତନ୍ତ୍ର (ପରୋକ୍ଷ ରାଜତନ୍ତ୍ର) ଶାସନ(?) ଜାଣି ହେଉନାହିଁ।

ସବୁଠାରୁ ବଡ଼ କଥା ହେଲା, ସ୍ୱାଧୀନ ଦେଶର ନାଗରିକଙ୍କର ପ୍ରମୁଖ ଅଧିକାର ହେଲା ବାକ୍ ସ୍ୱାଧୀନତା। କିନ୍ତୁ ଆମ ଦେଶରେ ଦେଖିବାକୁ ମିଳେ ଲୋକଙ୍କର ଏହି ଅଧିକାର ଶାସକ ମାନଙ୍କ ଦ୍ୱାରା କ୍ଷୁର୍ଣ୍ଣ ହେଉଛି। ୨୫ ଜୁନ୍ ୧୯୭୫ ମସିହାରେ ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଜାରୀ କରି ଲୋକଙ୍କୁ ବାକ୍ ସ୍ୱାଧୀନତାର ଅଧିକାରୁ ବିତ କରିଥିଲେ। ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇଥିଲେ। ଏପରିକି ଗଣମାଧ୍ୟମର କଣ୍ଠରୋଧ କରିବାକୁ ମଧ୍ୟ ପଛାଇ ନଥିଲେ। ଜରୁରୀକାଳୀନ ପରିସ୍ଥିତି ଜାରୀ ସମୟରେ ସମଗ୍ର ଦେଶରେ ପ୍ରେସ୍ ସେନ୍ସରସିପ୍ ଲାଗୁ କରିଥିଲେ। ପ୍ରେସ ଇନଫରମେସନ ବ୍ୟୁରୋ କାର୍ଯ୍ୟାଳୟରେ ସେନସର ଅଫିସର ନିଯୁକ୍ତି ଦିଆଯାଇଥିଲା, ଯାହା ସରକାରଙ୍କର ପବ୍ଲିସିଟି ଶାଖା ଥିଲା। ଦେଶର ଥିବା ପ୍ରମୁଖ ୫ଟି ନ୍ୟୁଜ୍ ଏଜେନ୍ସି (ପିଟିଆଇ, ୟୁଏନ୍ଆଇ, ଏଏନ୍ଆଇ, ହିନ୍ଦୁସ୍ତାନ ସମାଚାର ଓ ସମାଚାର ଭାରତୀ)କୁ ପ୍ରତି ଘଣ୍ଟାରେ କପି (ନ୍ୟୁଜ) ଏହି କାର୍ଯ୍ୟାଳୟକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯିବା ସହିତ କପିରୁ ଯେଉଁ ନ୍ୟୁଜ ପ୍ରକାଶ କରାଯିବ ନାହିଁ ତାହା ଉପରେ ନାଲିଗାର ଟାଣି ବାକି ନ୍ୟୁଜ୍ ପ୍ରକାଶ କରିବାକୁ ଅନୁମତି ଦିଆ ଯାଉଥିଲା ଏବଂ ସେହି ନ୍ୟୁଜ୍ ହିଁ ପ୍ରକାଶିତ ହେଉଥିଲା। ଗଣମାଧ୍ୟମକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଇନ୍ଦିରା ଗାନ୍ଧୀ ଶେଷରେ ୧୯୭୬ ଫେବୃଆରୀ ୧୬ତାରିଖରେ ୫ଟିଯାକ ନ୍ୟୁଜ୍ ଏଜେନ୍ସିକୁ ବନ୍ଦ କରି 'ସମାଚାର' ନାମରେ ଏକ ଏଜେନ୍ସି ପ୍ରତିଷ୍ଠା କରିଥିଲେ। ୧୯୭୭ ମସିହା ନିର୍ବାଚନରେ ଇନ୍ଦିରା ଗାନ୍ଧୀ ହାରିବା ପରେ ଜନତାଦଳ ସରକାର ଗଠନ କରିଥିଲା ଏବଂ ପ୍ରଧାନମନ୍ତ୍ରୀ ହୋଇଥିଲେ ମୋରାରଜୀ ଦେଶାଇ। ଏହାପରେ ଏପ୍ରିଲ ୧୯୭୮ ମସିହାରେ ନ୍ୟୁଜ୍ ଏଜେନ୍ସି ଗୁଡ଼ିକ ଉପରୁ ପ୍ରତିବନ୍ଧକ ଉଠାଇବା ପରେ ସେହି ବର୍ଷ ସେପ୍ଟେମ୍ବର ଠାରୁ ପୂର୍ବ ଭଳି ଏଜେନ୍ସି ଗୁଡ଼ିକ କାର୍ଯ୍ୟକରିଥିଲା। ବର୍ତ୍ତମାନ ଏହି ଘଟଣାର ପ୍ରତିଛବି ଦେଖିବାକୁ ମିଳୁଛି ଓଡ଼ିଶାରେ। ବିଜେଡି ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମର ତଣ୍ଟି ଚିପିବାରେ ଲାଗିଛନ୍ତି। ଲୋକସେବା ଭବନ ମଧ୍ୟକୁ ସାମ୍ବାଦିକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବା, କଟକ ବଡ଼ ମେଡିକାଲ ଭିତରକୁ ପ୍ରବେଶ ବନ୍ଦ କରିବା, ବର୍ଷବର୍ଷ ଧରି କେତେକ ନିର୍ଦ୍ଦିଷ୍ଟ ଚ୍ୟାନେଲକୁ ଆକ୍ରୋଶ ମୂଳକ ଭାବେ ବିଭିନ୍ନ ଭାବରେ ହଇରାଣ ହରକତ କରିବା ନବୀନଙ୍କ ଗଣମାଧ୍ୟମର କଣ୍ଠରୋଧ କରିବାର ପ୍ରୟାସ ଜରୁରୀକାଳୀନ ପରିସ୍ଥିତି ସମୟରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଯେପରି ଗଣମାଧ୍ୟମର କଣ୍ଠରୋଧ କରାଯାଇଥିଲା, ତାହା ଠାରୁ କୌଣସି ଗୁଣରେ କମ୍ନୁହେଁ। ଅପରପକ୍ଷରେ ଗଣମାଧ୍ୟମ ହେଉଛି ଜନତାର ସ୍ୱର। ଗଣମାଧ୍ୟମର କଣ୍ଠରୋଧର ପ୍ରୟାସ ଜନତାଙ୍କ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ କହିଲେ ଭୁଲ୍ ହେବ ନାହିଁ। ଏହାପରେ କଣ ଆମେ କହିପାରିବା, ଆମେ ସ୍ୱାଧୀନ?

ସର୍ବଶେଷରେ ଆଲୋଚ୍ୟ ପ୍ରସଙ୍ଗଟି ହେଲା 'ଭିଆଇପି' ସଂସ୍କୃତି। ଗଣତନ୍ତ୍ରର ପ୍ରକୃତ ଶାସକ ଜନତା ହୋଇଥିବା ବେଳେ ବିଧାୟକ, ସାଂସଦ, ମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଜନତାଙ୍କ ପ୍ରତିନିଧି ହୋଇଥିବା ବେଳେ ପ୍ରଶାସକ, ଯଥା - ସଚିବ, ମୁଖ୍ୟ ସଚିବ, କମିସନର, ଆରଡିସି, ଜିଲ୍ଲାପାଳ, ଡିଜିପି, କମିସନର ଅଫ ପୋଲିସ, ଏସ୍ପି ଇତ୍ୟାଦି ସମସ୍ତ ଅଧିକାରୀଙ୍କ ଠାରୁ ଆରମ୍ଭ କରି ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଜନତାଙ୍କ ସେବକ। କିନ୍ତୁ ଯାହା ଦେଖିବାକୁ ମିଳେ ଭାରତରେ ଚାଲିଥିବା 'ଭିଆଇପି' ସଂସ୍କୃତିରେ ପ୍ରକୃତ ଶାସକ (ଜନତା)ଙ୍କୁ 'ଭିଆଇପି' ମାନ୍ୟତା ମିଳିନଥିବା ବେଳେ ଭିଆଇପି ବୋଲଉଛନ୍ତି ପ୍ରକୃତ ଶାସକ(ଜନତା)ଙ୍କ ପ୍ରତିନିଧି ଓ ସେବକମାନେ। ଜନପ୍ରତିନିଧି ଓ ଜନତାଙ୍କ ସେବକମାନଙ୍କ ଯାତାୟତ ସମୟରେ ଜନତାଙ୍କୁ ବାଟ ଛାଡ଼ି ଦେବାକୁ ହେଉଛି, ଯାହା ରାଜତନ୍ତ୍ର ସମୟରେ ଦେଖିବାକୁ ମିଳୁଥିଲା। ତେବେ, ବର୍ତ୍ତମାନ କେଉଁ ଶାସନ ଚାଲିଛି 'ଗଣତନ୍ତ୍ର' ନା' 'ରାଜତନ୍ତ୍ର(?), ତାହା ପାଠକେ ନିଜକୁ ନିଜେ ପଚାରି ଉର ବାହାର କରିବାକୁ ଅନୁରୋଧ। ଏହା ବ୍ୟତୀତ ଏହି ଜନପ୍ରତିନିଧି ଓ ସେବକମାନଙ୍କ ଦ୍ୱାରା ଜନତା ଶୋଷିତ। ଦୁର୍ନୀତିର ଅକ୍ଟୋପାସ୍ ବର୍ତ୍ତମାନ ସାରାଦେଶକୁ କବଳିତ କରିସାରିଥିବା ବେଳେ ତାହାର ନିରାକରଣ ପାଇଁ କୌଣସି ପ୍ରୟାସ ନାହିଁ କିମ୍ବା ଲକ୍ଷ୍ୟ/ଉଦ୍ଦେଶ୍ୟ ମଧ୍ୟ ନାହିଁ। ଦୁର୍ନୀତିର ମାଳାରେ ତଳସ୍ତରର କର୍ମଚାରୀ ଠାରୁ ଆରମ୍ଭକରି ଉଚ୍ଚପଦସ୍ଥ ଅଧିକାରୀ, ନେତା, ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ବନ୍ଧା। ତେଣୁ ଅଭିଯୋଗ କଲେ ମଧ୍ୟ ଫଳ ଶୂନ୍।

ବିଚାର ବିଭାଗ ସମ୍ପର୍କରେ କାହାରି କିଛି କହିବାର ଅଧିକାର ନାହିଁ। କିଛି କହିଲେ ଅଦାଲତ ଅବମାନନା ମାମଲାରେ ଫସିବା ନିଶ୍ଚିତ। ଗୋଟିଏ ଗଣତନ୍ତ୍ର ରାଷ୍ଟ୍ରରେ ବିଚାର ବିଭାଗରେ କଣ ଚାଲିଛି, ସେ ସମ୍ପର୍କରେ ଜାଣିବା କିମ୍ବା ମତାମତ ଦେବାର ଅଧିକାର ଜନତାଙ୍କର ନାହିଁ। ଏହା କଣ ଆମର ସ୍ୱାଧୀନତା?

ଅତଏବ, ଉପରୋକ୍ତ ଘଟଣାବଳୀକୁ ତର୍ଜମା କରି ପାଠକେ ନିଜକୁ ନିଜେ ପଚାରନ୍ତୁ, ଆମେ ଭାରତବାସୀ କଣ ପ୍ରକୃତରେ ସ୍ୱାଧୀନ?

ସୋର/ବାଲେଶ୍ୱର,
ମୋ: ୯୪୩୭୩୪୦୮୫୦

# (ବଡଲୋକଙ୍କ ଜୀବନୀ) ବିପ୍ଳବୀ ଭଗତ ସିଂ





## ଅକ୍ଷୟ କୁମାର ରାଉତ

ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ୍ୟ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ। ସେହି ପୂଣ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତି। ଦେଶପ୍ରେମ ଏକ ଦିବ୍ୟ ଚେତନା। ଯେଉଁ ଦେଶ ପ୍ରେମରେ ଉଦ୍ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସିହସି ଫାଶୀଖୁଣ୍ଟରେଝୁଲି ସହୀଦ ହୋଇଗଲା ତାର ନାମ ଭଗତ୍ସିଂ। ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପାବରଲୟାଲପୁର ଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶପ୍ରେମୀ ସାହାସୀ ଭଗତ୍ ସିଂ।

ଭଗତ୍ ସିଂ ଜେଜେବାପା ଅର୍ଜ୍ଜୁନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ। ତାଙ୍କର ପ୍ରଭାବ ପିଲାମାନଙ୍କ ଉପରେ ପଡିଥିଲା। ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ। ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମଗ୍ରହଣ କରିଥିଲେ। ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋ ବେଦିକ୍ ସ୍କୁଲରେ ପାଠ ପଢିଲେ। ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ। ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର ପରିଚୟ ହେଲା।

ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ। ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ। ସେ କହୁଥିଲେ 'ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ। ଏହି କଲେଜର ଉଦ୍ଦେଶ୍ୟ ଥିଲା। ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ।

ଦିନେ ଭଗତ୍ ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ। ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା। ଭଗତ୍ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା। ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା।

ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି 'କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟକଲେ।ଏହି ନିଟକରେଇଂରଜେମାନଙ୍କୁକୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା। ଏହି ନାଟକଟି ସରକାରଙ୍କ ବିରୋଧି ହେଲା। ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ। ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ୍ କରି ବି.ଏ ଶ୍ରେଣୀରେ ନାମ ଲେଖାଇଲେ।ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେ ଥିଲେ ଅତି ବିଶ୍ୱସ୍ତ। ଶଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି।

ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଚ୍ଛେଦ ପଡିଲା। ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ଥ କରିଥିଲେ। କିନ୍ତୁ ତାହା ହୋଇ ପାରିଲା ନାହିଁ। ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ। ସେ ବିଭା ହୁଅନ୍ତେ କିପରି? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି। ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ। ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ। ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ। କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକୁ ଚିଠି ଲେଖିଲେ। ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭା ଦେବାକୁ ବାଧ କରାଯିବ ନାହିଁ। ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ।

ଗଙ୍ଗା ନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟା ଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗି ପଡଲେ। ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍ଙ୍କ ସହିତ କାନପୁର ଠାରେ ସାକ୍ଷାତ ହେଲା। ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂର୍ହୁତ ଥିଲା। ସତେ କଣ ମଣି କାଂଚନର ଅପୂର୍ବ ମିଳନ ଘଟିଲା। ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ। ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା। ପାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ। ବିନା ଦୋଷରେ ବନ୍ଦୀଜୀବନ କଟାଇଲେ ବ୍ରୋଷ୍ଟେଲଜେଲର ଅନ୍ଧକାର ଗୃହ ମଧରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡି ଦେବାକୁ ରାୟ ଦେଲେ। ତାଙ୍କର ପଇସାର ଅଭାବ ନଥିଲା। ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ। ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ।

୧୯୨୮ମସିହାରେ 'ସାଇମନ କମିଶନ' ଭାରତ ଆସିଥିଲେ। ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ। ଭାରତୀୟମାନେ ଏହାକୁ ବିରୋଧ କଲେ। ଲାଲା ଲଜପତ୍ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ। ବିକ୍ଷୋଭ କାରୀମାନଙ୍କ ଉପରେ ପୋଲିସ୍ ସୁପରିନ୍ଟେଣ୍ଡେଟ୍ସ୍କଟ୍ ଓ ଯେ. ପିସାଣ୍ଡର୍ସସାହେବ ଲାଠି ଚଳାଇଲେ। ଏହି ଲାଠିମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ। ଦେଶରେ ଶୋକର ଛାୟା ଖେଳିଗଲା। ଭଗତ୍ସିଂ କାନ୍ଦି ଉଠିଲେ। ପ୍ରତିଶୋଧ ନେବା ପାଇଁ 'ହିନ୍ଦୁସ୍ଥାନ ସୋସାଲିଷ୍ଟରିପବ୍ଲକାନ୍ ଆର୍ମି' ନାମକ ଏକ ସଙ୍ଗଠନ ଗଢାହେଲା। ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ, ଦୁର୍ଗାଦେବୀ ଓ ଭଗତସିଂ ଆଦି ବିପ୍ଳବୀ ଯୋଗଦେଲେ। ୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପାବ ସଚିବାଳୟ ସାମ୍ନାରେ ଯେ.ପିସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳକୁ ହତ୍ୟା କରାଗଲା। ଏହାର ମୁଖ୍ୟ ନାୟକ ଥିଲେ ଭଗତ୍ସିଂ। ରାଜଗୁର, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇ ଗଲେ। ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତ ହେଲା। ଏହାକୁ ବିରୋଧ କରି ଭଗତ୍ସିଂ ବିପ୍ଳବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇ ଦେଲେ। ଗୋରା ସାହେବମାନେ ଜୀବନ ବିକଳରେ ପଳାଇଗଲେ। ବିପ୍ଳବୀମାନଙ୍କ 'ଇନ୍କିଲାବ ଜିନ୍ଦାବାଦ୍' ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା। ଭଗତ୍ସିଂ ଓ ଅନ୍ୟାନ୍ୟ ବିପ୍ଳବୀମାନେ ପୋଲିସ ହାତରେ ଧରା ପଡି ଗିରଫ ହେଲେ। ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର।

ବନ୍ଦୀ ଜୀବନରେ ଭଗତ୍ସିଂ ବହୁତ ବହି ପଢୁଥିଲେ। ୧୯୩୦ ମସିହାରେ ତିନି ବିପ୍ଳବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ସିଂଙ୍କୁ ଫାଶୀଦଣ୍ଡ ଆଦେଶ ହେଲା। ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ। ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ। ଭଗତ୍ ସିଂ ତାଙ୍କ ମା'ଙ୍କୁ କହିଲେ ' ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ। ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ।' ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ। ଭଗତ୍ ସିଂ କହିଲେ-'ମାଜଷ୍ଟ୍ରେଟ ସାହେବ। ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି। ହସିହସିମୃତ୍ୟୁକୁ ଆଲିଙ୍ଗନ କରୁଛି' ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ। ଫାଶୀ ଦଉଡିକୁ ଚୁମ୍ବନ ଦେଇ 'ଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ' କହି ଭଗତ୍ ସିଂ ଓ ଦୁଇବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ 'ଦୟାକରି ତୁମେ ଏ ଫାଶୀକୁ ଠିକ୍ କରିଦିଅ'। ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନିବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ। ଭାରତମାତାର ଏହି ତିନିବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ।

ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ। ଭଗତ୍ ସିଂ ମରି ମଧ ଆଜି ଅମର । ଆଜି ଭାରତର ମାଟି, ପାଣି, ପବନରେ ତାଙ୍କର ବଳିଦାନର ଅପୂର୍ବ ଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ।

+ ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍ସିଂହପୁର
ମୋ-୯୯୩୭୬୯୧୪୭୫

## କର୍କଟ ରୋଗରୁ ରକ୍ଷା କରିବ କଲରା



କଲରା ଏକ ହତକାରୀ ପରବା । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ସପ୍ତାହକୁ ଅନ୍ତତଃ ୨-୩ ଥର କଲରା ଭଜା, କଲରା ଭର୍ତ୍ତା ଇତ୍ୟାଦି ବ୍ୟଞ୍ଜନମାନ ଖାଇବା ଉଚିତ । ଏଥିରେ ଥିବା ବିଭିନ୍ନ ପୋଷକତତ୍ତ୍ୱ ମଧୁମେହ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ । ଏଣୁ ପିଲା ଠାରୁ ବୟସ୍କ ସମସ୍ତଙ୍କୁ କଲରା ବ୍ୟଞ୍ଜନ ନିୟମିତ ଖାଇବାକୁ ପରାମର୍ଶ ଦିଆଯାଏ । ନିକଟରେ ବ୍ରିଟେନ୍ର ଗବେଷକଦଳ ପ୍ରକାଶ କରିଛନ୍ତି ଯେ କଲରା ଖାଇଲେ କର୍କଟ ରୋଗରୁ ମଧ ରକ୍ଷା ମିଳିଥାଏ । ମୂଷାଙ୍କ ଉପରେ ହୋଇଥିବାର ପରୀକ୍ଷାରେ ସଫଳ ହେବା ପରେ ସେମାନେ ଓ୍ୱେବ୍ସାଇଟ୍ରେ ତଥ୍ୟ ଉଲ୍ଲେଖ କରିଛନ୍ତି । କଲରା ପରିବାରେ ଥିବା ପୋଷାକତତ୍ତ୍ୱ କର୍କଟ ଟ୍ୟୁମର୍ ବଢ଼ିବା ଓ ବ୍ୟାପିବାକୁ ନିୟନ୍ତ୍ରଣ କରିଥାଏ ବୋଲି ଗବେଷକ ମୁଖ୍ୟଙ୍କ ମତ । ଭାରତର ଅନ୍ୟ ପ୍ରାନ୍ତ ତୁଳନାରେ କେରଳରେ କଲରା ବ୍ୟଞ୍ଜନ ଲୋକେ ଅଧିକ ଖାଇଥାନ୍ତି । ଅନୁସନ୍ଧାନରୁ ଜଣାପଡିଛି ଯେ, ଅନେକ ବର୍ଷ ତଳେ ପ୍ରଥମେ ଚୀନ୍ରେ କଲରା ଚାଷ ହୋଇଥିଲା । ପରବର୍ତ୍ତୀ ସମୟରେ ଆଫ୍ରିକା ଓ ଅନ୍ୟ ପ୍ରାନ୍ତରେ କଲରା ବ୍ୟଞ୍ଜନର ଆଦର ବଢିଥିଲା ।

# କରୋନା ଯୋଦ୍ଧା ଡ଼ଃ ପ୍ରଶାନ୍ତ ଦାସଙ୍କ କରୋନାଜନିତ ମୃତ୍ୟୁ



ବାରିପଦା,୩।୧୧ (ନି.ପ୍ର): ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ଡାକ୍ତରଖାନାର ରକ୍ତଭଣ୍ଡାର ଅଧିକାରୀ ଡାଃ ପ୍ରଶାନ୍ତ କୁମାର ଦାସ ବିୟୋଗ ଘଟିଛି। ସେ ବାରିପଦା ରକ୍ତଭଣ୍ଡାରରେ କାର୍ଯ୍ୟରତ ଥିବା ସମୟରେ କରୋନାରେ ଆକ୍ରାନ୍ତ ହୋଇ କଟକ ସ୍ଥିତ ସଦଗୁରୁ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ। ତେବେ ସେଠାରେ ତାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ପିଆରଏମ ହସ୍ପିଟାଲ ସମେତ ରକ୍ତଭଣ୍ଡାରର କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମିଷ୍ଟଭାସି ଓ ପରୋପକାରୀ ମଣିଷ ଥିଲେ। ଏହା ଶୁଣି ସମସ୍ତେ ଦୁଃଖିତ ହେବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# କେନ୍ଦ୍ରାପଡା ବଜରଙ୍ଗ ଦଳ ପକ୍ଷରୁ ୬୦ ୟୁନିଟ୍ ରକ୍ତ ସଂଗ୍ରହ

କେନ୍ଦ୍ରାପଡା,୩।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାକାଳପଡା ବ୍ଲକ ଅଧିନ ବିଲିପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ରେ ଆୟୋଜିତ ଏହି ଶିବିର କୁ ଜିଲ୍ଲା ସଭାପତି ବାନାମ୍ବର ସାହୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଂଜଯୋକ ସତ୍ୟପ୍ରିୟ ଜେନା ଓ ମହାକାଳପଡା ସଂଜଯୋକ କାହ୍ନୁ ଚରଣ ପରିଡାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ରେ ଆୟୋଜିତ ଏହି ଶିବିର ରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କେନ୍ଦ୍ରାପଡା ଚିକିତ୍ସାଳୟର ଡ଼ଃ ରାକେଶ ରୋସନ ମହାନ୍ତି ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ଜିଲ୍ଲା ସଂପାଦକ ବିରେନ୍ଦ୍ର କୁମାର ସାମଲ, ଅଜିତ୍ କୁମାର ଦାସ, ନିରଞ୍ଜନ ସୁଆର, ଲକ୍ଷ୍ମଣ ମଲିକ, ଅଜୟ ବାରିକ, ଅଶୋକ କୁମାର ରାଉତ ପ୍ରମୁଖଙ୍କ ସମେତ ବିଲିପଦାର କାର୍ଯ୍ୟକର୍ତା ମାନେ ସହଯୋଗ କରିଥିଲେ।

# ବରିଷ୍ଠ ଆଇନ୍‌ଜୀବୀ ପୂର୍ଣ୍ଣ ମହାନ୍ତିଙ୍କ ପାଇଁ ଶୋକସଭା



ଭଦ୍ରକ, ୩।୧୧(ହି.ସ) - ଭଦ୍ରକ ଓକିଲ ସଂଘର ପୂର୍ବତନ ସଂପାଦକ, ବରିଷ୍ଠ କମ୍ୟୁନିଷ୍ଟ ନେତା, ମେହନତି ମଣିଷଙ୍କର ଲଢେଇର ସେନାପତି ବିଶିଷ୍ଟ ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କର ଇତିମଧରେ ଦେହାନ୍ତ ହୋଇଯାଇଛି। କରୋନାଯୋଦ୍ଧା ଭାବରେ ତାଙ୍କର ମୃତ୍ୟୁ ହୋଇଥିବାରୁ ପୂଜାଛୁଟି ଖୋଲିବା ପରେ ଆଜି ତାଙ୍କ ମୃତ୍ୟୁ ଉପଲକ୍ଷେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ବିଶିଷ୍ଟ ଅଧିବକ୍ତା ନିରାକାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋକସଭା ପ୍ରାରମ୍ଭରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ৺ ପୂର୍ଣ୍ଣ ମହାନ୍ତିଙ୍କ ସଂପର୍କରେ ପରମେଶ୍ୱର ବାରିକ, ଦିବ୍ୟସିଂହ ନାୟକ, ଦିଲ୍ଲିପ ମହାପାତ୍ର, ସୂର୍ଯ୍ୟକାନ୍ତ କୁଅଁର, ହରିହର ଧଳ, ଦେବେନ୍ଦ୍ର ପଣ୍ଡା, ସନ୍ତୋଷ ଆଚାର୍ଯ୍ୟ, ପ୍ରତାପ ସେଠୀ, ରଂଜନ ନାୟକ, ଗୋପବନ୍ଧୁ ଦୀକ୍ଷିତ, ଶିବ ମହାନ୍ତି, ଜାମିଲ ଅହେମ୍ମଦ, ତାହେର ଅହେମ୍ମଦ, ଶ୍ରୀକାନ୍ତ ବିଶ୍ୱାଳ, ଗିରିଧାରୀ ନାଥ, ରବିନା ରାୟ, ଉପେନ୍ଦ୍ର ପାଢୀ, ଅଶୋକ ନାୟକ ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ବହୁ ଉପସ୍ଥିତ ଅଧିବକ୍ତା ତାଙ୍କର ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସେ କିଭଳି ଜଣେ ସଂଗ୍ରାମୀ, ଛାତ୍ରନେତା, ଯୁବକମାନଙ୍କର ଆଦର୍ଶ, ଚାଷୀ ମୂଲିଆ ଆନ୍ଦୋଳନର କର୍ଣ୍ଣଧାର ଥାଇ ପୀରହାଟ (ଦୌଲତପୁର) ର ସରପଞ୍ଚ ନିର୍ବାଚିତ ହୋଇଥିଲେ, ତାହା ବର୍ଣ୍ଣନା ପୂର୍ବକ କମ୍ୟୁନିଷ୍ଟ ପାର୍ଟିର ଜିଲା ସଂପାଦକ ଥାଇ ନିଜର କାର୍ଯ୍ୟ ସୂଚାରୁ ରୂପେ ତୁଲାଉଥିଲେ, ତାହା ନିଜ ବକ୍ତବ୍ୟରେ କହିଥିଲେ। ପ୍ରଚଣ୍ଡ ସ୍ୱାଭିମାନୀ ସାଧୁ ଓ ସଚ୍ଚୋଟ ବ୍ୟକ୍ତିଭାବେ ৺ ମହାନ୍ତି ଦଳମତ ନିର୍ବିଶେଷରେ ସବୁ ଶ୍ରେଣୀର ମଣିଷଙ୍କୁ ଭଲପାଉଥିଲେ। ଜୀବନବ୍ୟାପୀ ସଂଘର୍ଷ ଓ ସଂଗ୍ରାମମୟ ଜୀବନ ଭିତରେ ନିଜକୁ ତିଳତିଳ କରି ଜାଳି ଲୋଭ ଓ ଲାଭ ପାଖରେ କେବେବି ମଥାନତ କରିନଥିବା ଏଭଳି ମଣିଷଙ୍କ ଦେହାନ୍ତ ସମାଜ ପାଇଁ ଅପୂରଣୀୟ କ୍ଷତି ବୋଲି ବିଶିଷ୍ଟ ଅଧିବକ୍ତା ଦିବ୍ୟସିଂହ ନାୟକ କହିଥିଲେ। ତାଙ୍କର ଏଭଳି ମୃତ୍ୟୁରେ ଭଦ୍ରକର ବହୁ ବୁଦ୍ଧିଜୀବୀ, ବିଚାର ବିଭାଗୀୟ କର୍ମଚାରୀଙ୍କ ମଧରେ ଶୋକର ଛାୟା ଖେଳିଯାଇଥିବାବେଳେ ଶେଷରେ ସଭାପତି ନିଜ ବକ୍ତବ୍ୟରେ ৺ ମହାନ୍ତି ଜଣେ ଆଜୀବନ ସଂଗ୍ରାମୀ ଓ ଭଲ ମଣିଷ ଥାଇ ଯୁବପିଢିଙ୍କର ଆଦର୍ଶ ହୋଇ ରହିବେ ବୋଲି କହିଥିଲେ। ৺ ମହାନ୍ତିଙ୍କ ବିୟୋଗ ଯୋଗୁଁ ଆଜି କୋର୍ଟ କାର୍ଯ୍ୟ ଗୋଟିଏ ଦିନ ପାଇଁ ବନ୍ଦ ରହିଥିଲା।

# ଧର୍ମଶାଳା ପୋଲିସକୁ ସଫଳତା : ୨୮ଗୋଟି ବ୍ୟାଟେରୀ ଜବତ ଓ ୨ ଗିରଫ

ଧର୍ମଶାଳା,୩।୧୧ (ନି.ପ୍ର): ଧର୍ମଶାଳା ପୋଲିସକୁ ସଫଳତା। ବ୍ୟାଟେରୀ ଚୋରୀ ର୍ୟାକେଟକୁ ଠାବ କରିବା ସହ ୨୮ଗୋଟି ଛୋଟବଡ ବ୍ୟାଟେରୀ ଜବତ କରିବା ସହ ଚୋରୀ କରୁଥିବା ଓ ଅନ୍ୟ ଜଣେ ଏହି ଚୋରା ବ୍ୟାଟେରୀ କିଣିବା ଅଭିଯୋଗରେ ୨ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି। ଏମାନେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ବଡବାରିସାହି ଗ୍ରାମର ବିଜୟ ମଲିକଙ୍କ ପୁଅ ରଂଜନ ଓରଫ ମୁନା(୨୦) ଓ ଏହି ଚୋରା ବ୍ୟାଟେରୀ କିଣିବା ଅଭିଯୋଗରେ ଏହି ଥାନା ମିର୍ଜାପୁର ଗ୍ରାମର ଭିକାରୀ ବେହେରାଙ୍କ ପୁଅ ଲାଲ ମୋହନ(୩୨) ବୋଲି ଜଣାପଡିଛି। ପୋଲିସ କେସ ନଂ ୪୨୯।୨୦ରେ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ କରୋନା ମହାମାରୀ ସମୟରେ ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ତେବେ ଗାଡି ମାଲିକମାନେ ସେମାନଙ୍କ ଗାଡିକୁ ଘର ପାଖରେ ରଖିଥାନ୍ତି। ଏହି ଅଂଚଳରୁ କେହି ଦୃବୃତ ଏହାର ସୁଯୋଗ ନେଇ ଗାଡିରୁ ବ୍ୟାଟେରୀ ଚୋରୀ କରି ବିଭିନ୍ନ ସ୍ଥାନରେ ବିକ୍ରୀ କରିଥାନ୍ତି। ଏବଂ ଏହି ଅଂଚଳରୁ ଦୃବୃତମାନେ ପାଣି ମଟର ଚୋରୀ କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଆସୁଥିଲା। ତେବେ ଗତ କାଲି ଧର୍ମଶାଳା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଏହି ସ୍ଥାନରେ କୋତପୁର ଫାଣ୍ଡି ପୋଲିସ ସହାୟତାରେ ଚଢାଉ କରି ଜଣେ ଯୁବକକୁ ଗିରଫ କରିବା ସହ ଚୋରୀ ବ୍ୟାଟେରୀକୁ ଜବତ କରଥିଲା। ତେବେ ଏହି ଚୋରା ବ୍ୟାଟେରୀ କିଣିବା ଅଭିଯୋଗରେ ମଧ୍ୟ ପୋଲିସ ଜଣକୁ ଗିରଫ କରିବାରେ ସଫଳତା ପାଇଥିଲା। ଏହି ଚଢାଉ ସମୟରେ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ଓ କୋତପୁର ଫାଣ୍ଡି ଅଧିକାରୀ ବିରଚି ନାରାୟଣ ପଣ୍ଡା ସାମିଲ ହୋଇ ଦୃବୃତମାନଙ୍କୁ ଠାବ କରିଥିଲେ। ଆଜି ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ସୂଚନା ଦେଇଛନ୍ତି।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୨୯ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୩।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୨୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି। ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୫୨୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୯୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ବ୍ରହ୍ମପୁରରେ ମାସ୍କ ନ ପିନ୍ଧିବାରୁ ଗତ ୨୪ ଘଂଟାରେ ୫୫ ଜଣଙ୍କୁ ଜୋରିମାନା

ଭୁବନେଶ୍ୱର,୩।୧୧ (ନି.ପ୍ର): ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିବା କାରଣରୁ ୫୫ ଜଣଙ୍କୁ ଜୋରିମାନା କରା ଯାଇଛି। ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।
ଏହା ବାଦ ଏହି ସମୟ ମଧ୍ୟରେ ବିଭିନ୍ନ କାରଣରୁ ୫ ଟି ମାମଲା ରୁଜୁ ହୋଇଥିବା ବେଳେ ୩୩ ଜଣଙ୍କୁ ଗିରଫ କରା ଯାଇଥିବା ସେ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀନଗରକୁ ସଂଯୋଗ ରାସ୍ତାକୁ ଜବରଦଖଲ ଅଭିଯୋଗ

ନୂଆପଡା,୩।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରର ଲକ୍ଷ୍ମୀନଗରକୁ ରାସ୍ତା ନଥିବାରୁ ପଡାବାସୀ ହଟହଟାର ଶିକାରରେ ପଡୁଥିବା ଅଭିଯୋଗ କରିଛନ୍ତି। ସହରର ମଧ୍ୟସ୍ଥଳୀ ତଥା ଗଡ୍ରାମୁଣ୍ଡା ପଂଚାୟତର ଲକ୍ଷ୍ମୀନଗରରେ ଶତାଧିକ ପରିବାରର ୧ ହଜାରରୁ ଅଧିକ ଲୋକେ ବସବାସ କରୁଥିବା ବେଳେ ଏହା ଖଡିଆଳ ସହରର ବ୍ଲକ ଛକର ପଛପଟେ ରହିଅଛି। ଏହି ଲକ୍ଷ୍ମୀନଗର ଖଡିଆଳ ଏନଏସିରେ ଅନ୍ତର୍ଭୂକ୍ତ ନଥିବା ବେଳେ ଏହା ସହର ଠାରୁ ୧ କିଲୋମିଟର ଦୂର ଗଡ୍ରାମୁଣ୍ଡା ପଂଚାୟତରେ ରହିଅଛି। କିନ୍ତୁ ପରିତାପର ବିଷୟ ଉକ୍ତପଡାକୁ ଆଜି ପର୍ଯ୍ୟନ୍ତ ଠିକ ରାସ୍ତା ଖଣ୍ଡିଏ ନାହିଁ। ଏହିପଡା ଦୀପ ତଳ ଅନ୍ଧାର ସ୍ଥିତିରେ ଉଭା ହୋଇରହିଛି। ପଡାକୁ ନା ଏନଏସି ନା ପ ।ୟତ ଦୃଷ୍ଟି ଦେଉଛି। ଫଳରେ ପଡାବାସୀ ସାଧାରଣ ମୌଳିକ ସୁବିଧା ଯାତାୟତ ସୁବିଧାରୁ ବ୍‌ତ ରହି ଯାଇଛନ୍ତି। ଏନେଇ ପଡାବାସୀ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ କରି ରାସ୍ତା ସମସ୍ୟାର ସମାଧାନ କରିବାକୁ ଅନୁରୋଧ ସତ୍ୱେ ତାର ସମାଧାନ ହୋଇପାରୁନାହିଁ। ଫଳରେ ପଡାବାସୀ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଯାତାୟତ କରୁଥିବା ଅଭିଯୋଗ କରିଛନ୍ତି। ପଡାବାସୀ ଏକ କାଦୁଅ ଅସ୍ଥାୟୀ ରାସ୍ତାରେ ଅତି ଦୟନୀୟ ଭାବରେ ଯାତାୟତ କରୁଛନ୍ତି। ଅନ୍ୟପକ୍ଷରେ ୧୧ ଫୁଟର ଏକ ରାସ୍ତା ଖଡିଆଳ ଏନଏସି ଅନ୍ତର୍ଭୂକ୍ତ ରହିଥିବା ସ୍ଥଳେ ଏହି ରାସ୍ତା ଲକ୍ଷ୍ମୀନଗରକୁ ସଂଯୋଗ କରିଅଛି। ହେଲେ ଚିହ୍ନଟ ହୋଇଥିବା ଏହିରାସ୍ତାକୁ ଧର୍ମୁଧର ବାଗ ନାମକ ବ୍ୟକ୍ତି ଅକ୍ତିଆର କରି ବାଡ କାମ କରୁଥିବା ନେଇ ପଡାବାସୀ ଅଭିଯୋଗ କରିଛନ୍ତି। ଏନେଇ ପଡାବାସୀ ଖଡିଆଳ ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି। ତହସିଲଦାର ଖଡିଆଳ ରାଜସ୍ୱ ନୀରିକ୍ଷକଙ୍କୁ ରାସ୍ତା ସମସ୍ୟାର ସମାଧାନ ସକାଶେ ଦାୟିତ୍ୱ ପ୍ରଦାନ କରିଥିବା ବେଳେ ରାଜସ୍ୱ ନୀରିକ୍ଷକ ମଧ୍ୟ ପାତର ଅନ୍ତର କରୁଥିବା ନେଇ ପଡାବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି, ନଚେତ ପଡାବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଇନରହୁଇଲ ଜିଲ୍ଲା ଚେୟାରମ୍ୟାନଙ୍କ ଗସ୍ତ କାର୍ଯ୍ୟକ୍ରମ




ଭଦ୍ରକ,୩।୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ଇନରହୁଇଲ କ୍ଲବ ଜିଲ୍ଲା ଚେୟାରମ୍ୟାନ (ଜିଲ୍ଲା ୩୨୬୬) ଶୀମତୀ ଇନା ପୁରୋହିତଙ୍କ ଗସ୍ତ କାର୍ଯ୍ୟକ୍ରମ ତା।୧।୧୧।୨୦୨୦ରିଖ ଦିନ ଅନୁଷ୍ଠିତ ହୋଇ ଯାଇଛି। ନୂଆବଜାର ସ୍ଥିତ ଦ୍ରୌପଦୀ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲା ଚେୟାରମ୍ୟାନ ଶ୍ରୀମତୀ ପୁରୋହିତ ବିଗତ ବର୍ଷର ସମସ୍ତ କାଗଜପତ୍ର ତନଖି କରି ସନ୍ତୁଷ୍ଟ ହୋଇଥିଲେ। ବିଗତବର୍ଷର ସମସ୍ତ ସେବା ମୂଳକ ଓ ସଚେତନତା ମୂଳକ କାର୍ଯ୍ୟକ୍ରମର ଫଟୋ ଗୁଡିକୁ ଦେଖିଥିଲେ। କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଓ ପରିବେଶ ସୁରକ୍ଷା ପାଇଁ ପୁଷ୍କରିଣୀ ପରିଷ୍କାର ଓ ସଫେଇ ଇତ୍ୟାଦି କାର୍ଯ୍ୟକ୍ରମର ବିବରଣୀ ଜାଣି ଚେୟାରମ୍ୟାନ ଖୁସି ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କ୍ଲବର ସଭାପତି ସ୍ନେହଲତା ବେହେରା, ସମ୍ପାଦିକା ଶ୍ରୀମତୀ କାଦମ୍ବିନୀ ମହାନ୍ତି ସ୍ୱାଗତ ଗାନ କରିବା ସହ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କୋଷାଧକ୍ଷା ବୀଣାପାଣି ପଣ୍ଡା ବାର୍ଷିକ ବଜେଟ ଉପସ୍ଥାପନା କରିବା ସହ ସମସ୍ତ ଖର୍ଚ୍ଚର ବିବରଣୀ ମଧ ପ୍ରଦାନ କରିଥିଲେ। ଉପସଭାପତି ଶ୍ରୀମତୀ ଅନିମା ନାୟକ ଓ ଆଇ.ଏସ୍.ଓ. ପ୍ରଭାତୀ ମଲ୍ଲିକ ଏହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କ୍ଲବର ପତ୍ରିକା ସମ୍ପାଦିକା ଡଃ ପ୍ରଭାତ ନଳିନୀ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ ମୁଖପତ୍ର 'ସ୍ୱୟଂସିଦ୍ଧା'ର ଉନ୍ମୋଚନ ଚେୟାରମ୍ୟାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପୁରୋହିତ ଆଗାମୀ ଦିନରେ ଏହିଭଳି ଲୋକହିତକାରୀ ଓ ସେବାମୂଳକ କାର୍ଯ୍ୟକ୍ରମମାନ ବଜାୟ ରଖିବା ପାଇଁ ଉପଦେଶ ପ୍ରଦାନ କରିଥିଲେ। କ୍ଲବର ସଭ୍ୟା ପଲ୍ଲିଶ୍ରୀ ଦାସ, ପରମଜିତ୍ କୌର, ମନ୍‌ଜିତ୍ କୌର, ଚାରୁଲତା ମହାପାତ୍ର, ସରୋଜିନୀ ମହାପାତ୍ର, ପ୍ରଭାତୀ ଜେନା, ରଶ୍ମିରେଖା ପରମାଣିକ, ଜୟଶ୍ରୀ ମହାପାତ୍ର, ଅଂଜୁବାଳା ରାଉତ, ସଂଯୁକ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସଭ୍ୟା ରଶ୍ମିରେଖା ପରମାଣିକଙ୍କୁ ଏହି କାର୍ଯ୍ୟକ୍ରମରେ ସ୍ୱାଗତ କରାଯାଇଥିଲା। ପୂର୍ବତନ ସଭାପତି ଶ୍ରୀମତୀ ପ୍ରଭାତୀ ଜେନା ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସର୍ବଶେଷରେ ଉପସଭାପତି ଶ୍ରୀମତୀ ଅନିମା ନାୟକ ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଶ୍ରୀମତୀ ଚାରୁଲତା ମହାପାତ୍ର ଉଦ୍ୟମ କରିଥିଲେ।

# ବିଶ୍ୱ ବ୍ରାଣ୍ଡ ହେବ ଓଡିଶାର ବାନ୍ଧ କଳା : ବାଲିଜୁରି ହାଟକୁ ଏସିଆର ବୃହତମ ପାରମ୍ପରିକ ପୋଷାକ ହାଟର ରୂପ ଦିଆଯିବ

ଭୁବନେଶ୍ୱର,୩।୧୧ (ନି.ପ୍ର): ଓଡିଶାର ବାନ୍ଧକଳା (ଇକତ୍) ଏବେ ବିଶ୍ୱ ବ୍ରାଣ୍ଡ ହେବାକୁ ଯାଉଛି। ସୋମବାର ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏସମ୍ପର୍କରେ ଆଲୋଚନା କରାଯାଇଥିଲା। ଓଡିଶାର ବାନ୍ଧକଳାକୁ ବିଶ୍ୱ ବ୍ରାଣ୍ଡ ଭାବେ ସଂପ୍ରସାରିତ କରିବାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଡିଜାଇନର ମାନଙ୍କୁ ସାମିଲ କରିବାପାଇଁ ବୈଠକରେ ସ୍ଥିର ହୋଇଥିଲା। ବୁଣାକାର ମାନଙ୍କୁ ଉଚ୍ଚମାନର ସୂତା ଅଗ୍ରୀମ ଆକାରରେ ଯୋଗାଇବା ,ସେମାନଙ୍କର ତନ୍ତରେ ଅଧୁନିକ କୌଶଳ ସଂଯୋଜିତ କରିବା ପାଇଁ ସହଯୋଗ କରିବା. ବୁଣାକାର ମାନଙ୍କର ଉତ୍ପାଦ କିଣିବା ପାଇଁ ବୟନିକା , ଉତ୍କଳିକା ଓ ସମ୍ବଲପୁରୀ ବସ୍ତ୍ରାଳୟ ଆଦି ସମବାୟ ସଂସ୍ଥାଙ୍କୁ ବିନା ସୁଧରେ ଋଣ ରାଶୀ ଯୋଗାଇବାକୁ ବୈଠକରେ ନିଷ୍ପତି ହୋଇଥିଲା। ବରଗଡର ବାଲିଜୁରି ହାଟକୁ ଏସିଆର ବୃହତମ ପାରମ୍ପରିକ ପୋଷାକ ବଜାର ଭାବେ ବିକଶିତ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏଠାରେସମସ୍ତ ପ୍ରକାର ଆଧୁନିକ ଡିଜାଇନ୍ ଓ ଆନ୍ତର୍ଜାତିକ ବଜାର ସଂଯୋଗ ସୁବିଧା ସୃଷ୍ଟି କରିବାପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜେମ୍ ପୋର୍ଟାଲ ସହ ବୁଣାକାରମାନଙ୍କୁ ସଂଯୋଜିତ କରାଯିବ ଯେପରିକି ସେମାନେ ସିଧାସଳଖ ଭାବେ ନିଜ ଉତ୍ପାଦର ବିକ୍ରୀ କରିପାରିବେ।

# ଜିଲ୍ଲା ଲୋକ ସଂପର୍କ ଅଧିକାରୀ ଚନ୍ଦ୍ରାକାନ୍ତ ନାୟକଙ୍କ ପଦୋନ୍ନତି ଓ ବଦଳି

କେନ୍ଦ୍ରାପଡା,୩।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ତଥା ଉପ ନିର୍ଦ୍ଦେଶକ ଚନ୍ଦ୍ର କାନ୍ତ ନାୟକଙ୍କ ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ଘଟିଛି। ଏହା ସହ ଶ୍ରୀ ନାୟକ ଭୂବନେଶ୍ୱର ସ୍ଥିତ ସୂଚନା ଓ ଲୋକ ସଂପର୍କ ନିର୍ଦ୍ଦେଶାଳୟରେ ଅବସ୍ଥାପିତ ହୋଇ ପ୍ରେସ୍ ଓ ମିଡିଆ ବିଭାଗର ସ୍ୱତନ୍ତ୍ର ଦାୟିତ୍ୱରେ ରହିବେ ବୋଲି ଜଣା ପଡିଛି। ଶ୍ରୀ ନାୟକ କେନ୍ଦ୍ରାପଡା ଜିଲ୍ଲାରେ ଦୀର୍ଘ ୫ବର୍ଷ କାଳ ଜିଲ୍ଲା ଅଧିକାରୀ ଭାବେ କାର୍ଯ୍ୟରତ ରହି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ସୂଚନା ଓ ଲୋକ ସଂପର୍କ ବିଭାଗର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରି ପ୍ରଶାସନିକ ତଥା ବିଭାଗୀୟ ଅଧରକାରୀ ଓ ସାମ୍ବାଦିକ ମାନଙ୍କ ପ୍ରିୟପାତ୍ର ହୋଇପାରି ଥିଲେ। ତାଙ୍କ ସ୍ଥାନରେ ସହ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଜିଲ୍ଲା ସଂପର୍କ ଅଧିକାରୀ ଭାବେ ଦାୟିତ୍ୱରେ ରହିବେ ବୋଲି ଜଣା ପଡିଛି।

# ଖାଦ୍ୟବିଜ୍ଞାନର ପରିଭାଷା ପରିବର୍ତ୍ତନଶୀଳ

ନବରଙ୍ଗପୁର,୩।୧୧ (ନି.ପ୍ର): ଖାଦ୍ୟବିଜ୍ଞାନର ପରିଭାଷା ଅନେକମାତ୍ରାରେ ପରିବର୍ତନ ହୋଇଛି ଏବଂ ଏହା ଆଗକୁ ଅଧିକ ପରିବର୍ତନ ହେବାର ସମ୍ଭାବନା ରହିଛି ବୋଲି ଜାତୀୟପ୍ରତିରକ୍ଷା ଗବେଷଣାସଂସ୍ଥାନର ନିର୍ଦ୍ଦେଶକ ଡଃ.ଅମୂଲ୍ୟ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି। "ମୁ'ବି ସମର୍ଥ" ନବମଭାଗ କ୍ୟାରିୟର ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇ ଖାଦ୍ୟବିଜ୍ଞାନ ଓ ପ୍ରତିରକ୍ଷା ବିଜ୍ଞାନରେ ଅନେକ ପରିବର୍ତନ ଘଟିଛି। ଜନସଂଖ୍ୟାବୃଦ୍ଧି ଓ ପରିବେଶଗତ ସମସ୍ୟାକୁ ଦୃଷ୍ଟିରେରଖି ଖାଦ୍ୟବିଜ୍ଞାନ ଓ କୌଶଳରେ ଆସନ୍ତା ଦିନରେ ଅନେକ ପରିବର୍ତନ ଘଟିବ। ତେଣୁ ଖାଦ୍ୟ ବିଜ୍ଞାନରେ କ୍ୟାରିୟର ସୁଯୋଗ ଅନେକ ମାତ୍ରାରେ ବୃଦ୍ଧି ଘଟିବ ବୋଲି ଡଃ.ପଣ୍ଡା ପ୍ରକାଶ କରିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ପେଷଣ ସଂସ୍ଥା ବେଷ୍ଟ ନ୍ୟୁଟ୍ରିସନ ପ୍ରଡକ୍ଟସ ର ମୁଖ୍ୟକାର୍ଯ୍ୟନିର୍ବାହୀ ଡଃ.ଅଭୟକୁମାର ପତି ବୃକ୍ଷଲତାରେ ପ୍ରତିରୋଧକ ଶକ୍ତି ରହିଥିବାରୁ ଔଷଧୀୟବୃକ୍ଷର ଚାହିଦା ଅନେକ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି ବିକାଶ ଶୀଳ ରାଷ୍ଟ୍ରରେ ଅନେକରୁ ଅଧିକ ଚାହିଦା ବୃଦ୍ଧି ପାଇଥିବାରୁ ଖାଦ୍ୟବିଜ୍ଞାନର ପରିଭାଷାରେ ପରିବର୍ତନ ଘଟିଛି। ବିଦ୍ୟାର୍ଥୀଙ୍କର ପାଇଁ ଏହି ବିଜ୍ଞାନରେ କର୍ମନିଯୁକ୍ତି ମଧ୍ୟବୃଦ୍ଧି ପାଇବ ବୋଲି ଡଃ.ପତି ପ୍ରକାଶ କରିଛନ୍ତି। ଗୁଜୁରାଟସ୍ଥିତ ଇଞ୍ଜେନିୟମ ନେଚରର ନିର୍ଦ୍ଦେଶକ ଡଃ.ଏନ.ଏନ.ମିଶ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନର ବୈଜ୍ଞାନିକ ତଥା ଔଦଗିକ ଅନୁସନ୍ଧାନ ସଂସ୍ଥାନ ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ସଂପର୍କରେ କହିଥିଲେ। କେନ୍ଦ୍ରୀୟ ଖାଦ୍ୟକୌଶଳ ଗବେଷଣା ସଂସ୍ଥାନ, ହାଇଦ୍ରାବାଦର ପ୍ରଧାନ ବୈଜ୍ଞାନିକ ଡଃ.ଜ୍ୟୋତିର୍ମୟୀ ଭାଗନେଇ ସିଏଫଟି ଆରଆଇରେ ରହିଥିବା ଅନେକ ଜ୍ଞାନକୌଶଳ ଗବେଷଣାରେ ଔଦଗିକଙ୍କର ପାଇଁ ସୁଯୋଗ ସଂପର୍କରେ କହିଥିଲେ। ନ୍ୟାସ ନାଲ ଇନ ଷ୍ଟିଚ୍ୟୁଟଅଫ ଟେକନୋଲଜୀ, ରାଉରକେଲାର ଖାଦ୍ୟପ୍ରକ୍ରିୟାକରଣ ବିଭାଗର ମୁଖ୍ୟ ପ୍ରଫେସର ରାମଚନ୍ଦ୍ର ପ୍ରଧାନ, ଏନଆଇଟିରେ ଖାଦ୍ୟ ଇଞ୍ଜିନିୟରିଂରେ ରହିଥିବା ସୁବିଧା ଓ ଜ୍ଞାନ କୌଶଳ ବିନିଯୋଗରେ ଉଦ୍ୟୋଗୀଙ୍କୁ କର୍ମସଂସ୍ଥାନ ମିଳିପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ "ମୁ'ବି ସମର୍ଥ" କାର୍ଯ୍ୟକ୍ରମର ସଂଯୋଜକ ତଥା ଉପସ୍ଥାପକ ଲକ୍ଷ୍ମୀ ନାରାୟଣ ବକ୍ସି ପରିଚାଳନା କରିଥିଲେ। ରାଜ୍ୟ ବିଭିନ୍ନ ଜିଲା ଛାତ୍ରଛାତ୍ରୀ ସହ ବିଭିନ୍ନ ପ୍ରଦେଶର ବିଦ୍ୟାର୍ଥୀମାନେ ଭାଗ ନେଇ ସେମାନଙ୍କର କ୍ୟାରିୟର ସମ୍ବନ୍ଧୀୟ ପ୍ରଶ୍ନ ପଚାରି ବୁଝିଥିଲେ।

## ଯୁକ୍ତ ୩ ସ୍ୱଟ୍ ଆଡମିଶନ୍ ପାଇଁ ବିଜ୍ଞପ୍ତି ଜାରି କଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୩।୧୧ (ନି.ପ୍ର): +୩ ପ୍ରଥମ ବର୍ଷରେ ସ୍ୱଟ୍ ଆଡମିଶନ ପାଇଁ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଖାଲିଥିବା ସିଟ୍ ନେଇ ନଭେମ୍ବର ୯ ତାରିଖରେ ୱେବସାଇଟ୍ ରେ ସୂଚନା ମିଳିବ। ଏହା ପରେ ନଭେମ୍ବର ୧୦ରୁ ୧୩ ପର୍ଯ୍ୟନ୍ତ ଡ୍ରପ୍ ବକ୍ସରେ ଆବେଦନପତ୍ର ପକାଇହେବ। ୧୭ ତାରିଖରେ ଆଡମିଶନ ପାଇଁ କଲେଜରେ ପ୍ରକାଶ ଚୟନ ତାଲିକା ପ୍ରକାଶ ପାଇବ। ନଭେମ୍ବର ୨୧ ତାରିଖରେ ଆଡମିଶନ ଫି' ଦାଖଲ କରିବା ପରେ ୨୩ ତାରିଖରେ ଆଡମିଶନ ଡାଟା ଅପଡେଟ୍ ହେବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଥାଲେସେମିଆ ରୋଗୀଙ୍କୁ ରକ୍ତଦାନ କଲେ ସ୍ୱେଚ୍ଛାସେବୀ ଯୁବକ




ବାରିପଦା,୩।୧୧ (ନି.ପ୍ର): ବର୍ତ୍ତମାନ ପରିସ୍ଥିତିରେ ରକ୍ତ ଅଭାବରେ ପୀଡିତ ରୋଗୀଙ୍କୁ ଦେଖାଦେଇଛି ବିଭିନ୍ନ ସମସ୍ୟା। କିଏ ଚିକିତ୍ସା ପାଇଁ ହସ୍ପିଟାଲ ଯାଇପାରୁନି ତ କାହାକୁ ରକ୍ତ ମିଳୁନି। ସେହିପରି ଏକ ଦୁଃଖଦ କାହାଣୀ ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ପୂର୍ଣ୍ଣଚନ୍ଦ୍ରପୁର ଗାଁର। କଅଁଳ କଢିଙ୍କ ଜୀବନରେ ଆଣିଦେଇଛି ଦୁଃଖର ପାହାଡ। ରକ୍ତଭାବ ଯୋଗୁଁ ଚିକିତ୍ସା ନେଇ ଚିନ୍ତାରେ ବାପା ବାବୁଲି ମହାନ୍ତ। ଦୁଇ ଭାଇ ଭଉଣୀ ତ୍ରିନାଥ ଓ ତୃପ୍ତିଙ୍କ ସାଧାରଣ ପିଲାଙ୍କ ପରି, କିନ୍ତୁ ବଞ୍ଚିବାକୁ କରୁଛନ୍ତ ଅନେକ ସଙ୍ଘର୍ଷ। ମାସକୁ ଥରେ କିମ୍ବା ଦୁଇ ଥର ରକ୍ତ ନନେଲେ ଏ ଦୁଇ ଶିଶୁଙ୍କ ବଞ୍ଚିବା ଅସମ୍ଭବ। କାରଣ ଉଭୟେ ଥାଲାସେମିଆ ରୋଗରେ ପୀଡିତ। ତେବେ ରକ୍ତଅଭାବରୁ ଭାଇ ତ୍ରିନାଥର ମୃତ୍ୟ ହୋଇଯାଇଛି। ଏବେ ଗୋଟେ ଝିଅ ତୃପ୍ତି ପାଇଁ ରକ୍ତ ଯୋଗାଡ଼ ପାଇଁ ବାପା କରୁଛନ୍ତି ଅହରହ ଉଦ୍ୟମ। ପାଠପଢା ସହ ଖେଳକୁଦ ବୟସରେ ଥମିଯାଇଛନ୍ତି, ଜୀବନର ଅର୍ଥ କଣ ବୁଝିବା ଆଗରୁ ବଞ୍ଚିବା ପାଇଁ କରୁଛନ୍ତି ସଙ୍ଘର୍ଷ। ଅର୍ଥାଭାବ ଅପେକ୍ଷା ବେଶୀ ବାଧୁଛି ପିଲାଙ୍କ ଦୟନୀୟ ଅବସ୍ଥା। ଏହି ଘଟଣା ବାବଦରେ ପୂର୍ବେ ସର୍ବସାଧାରଣ ଖବରକାଗଜରେ ଖବର ପ୍ରକାଶିତ ହୋଇଥିଲା। ଏହି ଖବରଟି ଲୋକ ଲୋଚନକୁ ଆସିବା ପରେ ଏହି କଅଁଳ ଶିଶୁଙ୍କୁ ରକ୍ତ ଯୋଗାଇ ଦେବାକୁ ସ୍ୱେଚ୍ଛାସେବୀ ଯୁବକ ତାପସ ରନ ସାହୁ ସାହାଯ୍ୟ ଯୋଗାଇ ଦେଇଛନ୍ତି। ତେବେ ତାପସ ଏ ଘଟଣା ବାବଦରେ ଜାଣିବା ପରେ ତୃପ୍ତିଙ୍କୁ ଇ+ଙ୍କର ଗ୍ରୁପର ରକ୍ତଦାନ କରିଥିଲେ। ଥାଲେସେମିଆ ରୋଗରେ ପୀଡିତ ଏ ଶିଶୁଟିକୁ ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇ ମହତ କାର୍ଯ୍ୟ ପାଇଁ ସର୍ବସାଧାରଣରେ ଖୁବ ସାଧୁବାଦ ଜଣାଇବା ସହିତ ପ୍ରଶଂସା ମଧ କରିଛନ୍ତି।

## ଜିଲ୍ଲାରୁ ନୂଆ ୨୭ ଆକ୍ରାନ୍ତ ଚିହ୍ନଟ, ଜଣଙ୍କର ମୃତ୍ୟୁ, ମୋଟ ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି

ଭଦ୍ରକ ,୩।୧୧ (ନି.ପ୍ର): ଆଜି ଜିଲ୍ଲାରୁ ଆଉ ୨୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬ହଜାର ୮୨୩ ହୋଇଛି। ଏମାନଙ୍କ ମଧ୍ୟରୁ ମୋଟ ୬୫୬୭ଜଣ ସୁସ୍ଥ ହୋଇ ସାରିଛନ୍ତି। ଏବେ ଆକ୍ଟିଭ ଆକ୍ରାନ୍ତ ୨୩୯ଜଣ ଅଛନ୍ତି। ତେବେ ଆଜି କରୋନାରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ଯାହା ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୧୭ରେ ପହଞ୍ଚିଛି। ଆଜି ସୁଦ୍ଧା ଜିଲ୍ଲାରୁ ମୋଟ ୧ଲକ୍ଷ ୨୮ହଜାର ୭୬୦ଜଣଙ୍କ ନମୁନା ପରୀକ୍ଷା କରାଯାଇଛି। ଆଜି ଚିହ୍ନଟ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୭ଜଣ, ବାସୁଦେବପୁର ପୌରପାଳିକାର ଜଣେ, ଭଦ୍ରକ ବ୍ଲକର ୬ଜଣ, ଭଦ୍ରକ ପୌରପାଳିକାର ୫ଜଣ, ବନ୍ତ ବ୍ଲକର ୩ଜଣ, ଭଣ୍ଡାରିପୋଖରୀ ବ୍ଲକର ଜଣେ, ଚାନ୍ଦବାଲି ବ୍ଲକର ଜଣେ, ଚାନ୍ଦବାଲି ଏନ୍ଏସିର ଜଣେ, ଧାମନଗର ବ୍ଲକର ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବ ରାଓଙ୍କ ପରଲୋକ




ଗୁଣପୁର,୩।୧୧ (ନି.ପ୍ର): ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସମାଜ ସେବୀ ସ୍ୱର୍ଗତଃ ଏସ ମାଧବ ରାଓଙ୍କ ହାଇଦ୍ରାବାଦସ୍ଥିତ ଏକ ଘୋରଇ ଚିକିତ୍ସାଳୟରେ ହୃଦଘାତ ରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିବା ବେଳେ ନିକଟରେ ଧର୍ମପତ୍ନୀ, ପୁଅ, ବୋହୂ, ଝିଅ, ଜୁଆଇଁ, ନାତି ନାତୁଣୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ସ୍ୱର୍ଗତଃ ମାଧବ ରାଓ ଜଣେ ମିଷ୍ଟଭାଷୀ ଓ ପର ଉପକାରୀ ବ୍ୟକ୍ତି ଥିଲେ। ସେ ପଦ୍ମପୁର ବ୍ଲକ ନାଇରା ଶ୍ରୀ ଅରବିନ୍ଦ ଉଚ୍ଚ ବିଦ୍ୟାଳୟ, କୋଲନରା ଜଗଦମ୍ବା ହାଇସ୍କୁଲ ଏବଂ ରାୟଗଡ ଜିସିଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳରେ ବିଦ୍ୟାଳୟର ଅନେକ ବିକାଶ କରିବା ସହ ଉତ୍ତମ ପରୀକ୍ଷା ଫଳ ଦେବାରେ ତାଙ୍କର ଅବଦାନ ରହିଥିଲା । ସ୍ୱର୍ଗତଃ ମାଧବ ରାଓ ଚାକିରୀ ଜୀବନରୁ ଅବସର ଗ୍ରହଣ କରିବା ପରେ ଅନେକ ସାମାଜିକ ସଙ୍ଗଠନ ସହ ଜଡ଼ିତ ହୋଇ ସମାଜ ସେବାରେ ବ୍ରତୀ ଥିଲେ । ସେ ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଏସ ତ୍ରିନାଥ ରାଓଙ୍କ ବଡ ଭାଇ ହେବେ। ତାଙ୍କ ବିୟୋଗରେ ରାୟଗଡା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।

## ପୋଖରୀ ତୁଠରେ ପଡିରହିଛି ସରକାରୀ ସୋଲର ଲାଇଟ୍ ପୋଷ୍ଟ

ଜଳେଶ୍ୱର, ୩/୧୧ (ନିପ୍ର) : ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଗଳି ରାସ୍ତାମାନଙ୍କରେ ଲୋକ ମାନଙ୍କ ରାତିରେ ଗମନା ଗମନର ସୁବିଧା କରିବା ପାଇଁ ବିଭିନ୍ନ ସ୍ଥାନରେ ସୋଲାର ଲାଇଟ୍ ପୋଷ୍ଟ ନିର୍ମାଣ କରିଥିଲେ। ଯେଉଁସ୍ଥାନରେ ଇଲେକ୍ଟ୍ରିଲାଇଟ୍ର ସୁବିଧା ନାହିଁ ସେହିସ୍ଥାନରେ ରାସ୍ତାରେ ଆଲୁଅ ଜଳିବା ଲାଗି ସୌରଶକ୍ତିରୁ ବିଦ୍ୟୁତ୍ ବାହାର କରି ରାତ୍ରିରେ ଜଳାଇବାର ବ୍ୟବସ୍ଥା କରାଯାଇଥିଲା । ମାତ୍ର ବିଭିନ୍ନ ସ୍ଥାନରେ ତାହାର ରକ୍ଷଣା ବେକ୍ଷଣର ଅଭାବ ଦେଖିବାକୁ ମିଳୁଛି। ଜଳେଶ୍ୱର ପୌରପରିଷଦ ଅନ୍ତର୍ଗତ ୧୩ ୱାର୍ଡର ନନ୍ଦିକା ଗ୍ରାମର ଶ୍ୟାମସୁନ୍ଦର ଦତ୍ତଙ୍କ ପୋଖରୀପାଖ ହୁଡାରେ ଏକ ସୋଲାର ଲାଇଟ୍ ଖୁଣ୍ଟଟି ପ୍ରତିଷ୍ଠା କରାଯାଇଥିଲା । କିନ୍ତୁ ଗତ ଅମ୍ପନ ବେଳେ ନିକଟରେ ରାସ୍ତାକାମ ଚାଲୁଥିବାରୁ ଏହା ଓଲଟି ପଡିଥିବା ଦେଖିବାକୁ ମିଳୁଛି । କିନ୍ତୁ ଏଥିପ୍ରତି କାହାର ନଜର ନ ଥିବାରୁ ସୋଲାର ପୋଷ୍ଟଟି ନଷ୍ଟ ହେବାକୁ ବସିଛି । ଦୀର୍ଘ ୬ମାସ ଧରି ଏହା ମାଟିରେ ଅଧାଅଧି ପୋତି ରହିଥିବା ବେଳେ ଏହା ଏକ ପ୍ରଯୁକ୍ତି ବିଦ୍ୟାର କାର୍ଯ୍ୟ ହୋଇଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଆଦିତ୍ୟ ନାରାୟଣ ପାତ୍ର, ରବିନାରାୟଣ ପାତ୍ର, ବିକ୍ରମ କେଶରୀ ଦତ୍ତ ପ୍ରମୁଖ ଦାବି କରିଛନ୍ତି । ଅନ୍ୟଥା ଉକ୍ତ ସୋଲ ପୋଷ୍ଟଟି ସଂପୂର୍ଣ୍ଣ ହେବାର ସମ୍ଭାବନା ରହିଛି ।

## ବିଦେଶୀ ମଦ ସହ ୨ ଗିରଫ



ନୀଳଗିରି ,୩।୧୧ (ନି.ପ୍ର): ନୀଳଗିରି ଅବକାରୀ ବିଭାଗର ଓଆଇସି ଲକ୍ଷ୍ୟସାଧବ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ବାବନ୍ଧ ଅଂଚଳରେ ଚଢାଉ କରି ବିଦେଶୀ ମଦ ଜବଦ କରିବା ସହିତ ୨ ଜଣ ଅଭିଯୁକ୍ତକୁ ଗିରଫ କରିଛନ୍ତି। ଏନେଇ ଅବକାରୀ ବିଭାଗ ତରଫରୁ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ ବାବନ୍ଧ ଗ୍ରାମର ଚକ୍ରଧର ବେହେରା(୬୦) କ ଠାରୁ ୧୨ ଲି.୧.୫ ମିଲି ଓ ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା(୪୧)କ ଠାରୁ ୫.୦୪୦ ମିଲି ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବଦ କରିଛନ୍ତି।

## ନାବାଳିକାକୁ ଦୁଷ୍କର୍ମ : ଥାନାରେ କେଶ କଲେ ଅଶ୍ଳୀଳ ଫଟୋ ଭାଇରାଲ ଧମକ

ନୀଳଗିରି,୩।୧୧ (ନି.ପ୍ର): ଜନୈକ କଲେଜ ପଢୁଆ ନାବାଳିକାକୁ ଦିନ ଦ୍ୱିପ୍ରହରେ ଉକ୍ତ ଗ୍ରାମର ଜଣେ ଯୁବକ ଜୋର ଜବରଦସ୍ତ ରାସ୍ତରୁ ଟେକି ନେଇ ଦୁଷ୍କର୍ମ କରିବା ସହିତ ଘଟଣା ସମ୍ପର୍କରେ ପୋଲିସରେ କେଶ କଲେ ଜୀବନରୁ ମାରିଦେବାକୁ ଧମକ , ଅଭିଯୁକ୍ତ ନିଜ ମୋବାଇଲରେ ଉତୋଳନ କରିଥିବା ଅଶ୍ଳିଳ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାର ଧମକ ଦେବା ନେଇ ପିଡିତାର ମା ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୩୭୪/୨୦ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିବା ତଦନ୍ତକାରୀ ଅଧିକାରୀ ବାସୁଦେବ ଜୟସିଂ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ ରିଂପୁର ଗ୍ରାମର ମଧୁସ୍ମିତା ସିଂଙ୍କ କନ୍ୟା (ଛଦ୍ମନାମ )ମଞ୍ଜୁ(୧୬) ଯିଏକି ନୀଳଗିରି କଲେଜର +୨ ପ୍ରଥମ ବର୍ଷର ଛାତ୍ରୀ ଅଟନ୍ତି। ଗତ ନଭେମ୍ବର ୧୮ ତାରିଖ ଦିବା ଏକ ଘଟିକା ସମୟରେ ନିକଟସ୍ଥ ପଡିଆକୁ ଗୋରୁ ବଦଳାଇବା ପାଇଁ ଯାଇଥିବା ବେଳେ ଉକ୍ତ ଗ୍ରାମର ବୁଦ୍ଧିରାମ ସିଂଙ୍କ ପୁଅ ରୁହ୍ୟାସିଂ(୩୦) ଜୋରଜବରଦସ୍ତ ଟେକି ନେଇ ବଳ ପୂର୍ବକ ଉଲଗ୍ନ କରି ନାବାଳିକାକୁ ଦୁଷ୍କର୍ମ କରିବା ସହିତ ନିଜ ମୋବାଇଲରେ ଅଶ୍ଳିଳ ଫଟୋ ଉଠାଇଥିଲେ। ପୋଲିସରେ କେଶ କଲେ ଜୀବନରୁ ମାରି ଦେବା ସହିତ ଅଶ୍ଳିଳ ଫୋଟକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାର ଧମକ ମଧ୍ୟ ଦେଇଥିଲା। ପ୍ରକାଶ ଥାଉକି ପିଡୀତାଙ୍କ ବାପା ଦୀଲ୍ଲିରେ ରହି କାମ କରୁଥିବା ବେଳେ ତାଙ୍କ ଭାଇ ଗୁରୁରାଟରେ ରହି କାମ କରନ୍ତି। ଏକୁଟିଆ ମା ଘରେ ରହୁଥିବାରରୁ ଏହାର ସୁଯୋଗ ନେଇ ଉକ୍ତ ଯୁବକ ଜଣକ ଏଭଳି ଦୁଷ୍କର୍ମ କରିଥିବା ନେଇ ପିଡୀତାର ମା ଥାନାରେ ଅଭିଯୋଗ କରିଛନ୍ତି।

## ଡିଜିପିଙ୍କୁ ଭେଟିଲେ ଡାକ୍ତର ପ୍ରତିନିଧି ଦଳ

ଭୁବନେଶ୍ୱର, ୦୩ ନଭେମ୍ବର – ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ସୁପରିଟେଣ୍ଡେଂଟ ଡା ବିଏନ୍ ମହାପାତ୍ରଙ୍କ ଉପରେ ଆକ୍ରମଣ ଘଟଣାରେ ଓଡ଼ିଶାର ବରିଷ୍ଠ ଡାକ୍ତରଙ୍କ ଏକ ପ୍ରତିନିଧି ଦଳ ମଙ୍ଗଳବାର ଦିନ ପୋଲିସ୍ ଡିଜି ଶ୍ରୀ ଅଭୟଙ୍କୁ ଭେଟିଛି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧି ଦଳ ଦାବି କରିଥିଲା। ଡିଜିପି କହିଥିଲେ ଯେ ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ସେମାନଙ୍କୁ ଆଶ୍ୱାସନା ଦେଇଥିଲେ । ଏହାସହ ଆଗକୁ ଏଭଳି ଘଟଣା ନଘଟିବା ପାଇଁ ସମସ୍ତ ପ୍ରକାର ପ୍ରତିଷେଧକମୂଳକ ପଦକ୍ଷେପ ନିଆଯିବ ବୋଲି ପୋଲିସ୍ ଡିଜି ଶ୍ରୀ ଅଭୟ କହିଥିଲେ। ଏହି ପ୍ରତିନିଧି ଦଳରେ ଡା ବିଶ୍ୱଜିତ ସାହୁ, ଡା ନିର୍ମଳ ଚନ୍ଦ୍ର ମହାପାତ୍ର, ଡା ତନ୍ମୟ ମହାନ୍ତି, ଡା ଆଶୁତୋଷ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଉପନିର୍ବାଚନ ପାଇଁ ମତଦାନ...

ନିର୍ବାଚନକୁ ଶାନ୍ତିପୂର୍ଣ ନିରପେକ୍ଷ ଭାବେ ସମ୍ପନ୍ନ କରିବା ପାଇଁ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ଯାଇଥିବା ବେଳେ କୋବିଡକୁ ନେଇ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରା ଯାଇଥିଲା । ଉଲ୍ଲେଖନୀୟ ଯେ କୋଭିଡ୍ କଟକଣା ମଧ୍ୟରେ ସୁରକ୍ଷିତ ଭୋଟିଂ ପାଇଁ ତିର୍ତୋଲରେ ବୁଥ୍ ସଂଖ୍ୟା ୨୬୫ରୁ ୩୭୩ କୁ ଏବଂ ବାଲେଶ୍ୱରରେ ୧୯୮ରୁ ୩୪୬କୁ ବୃଦ୍ଧି କରାଯାଇଥିଲା। ଉଭୟ ନିର୍ବାଚନ ମଣ୍ଡଳୀରେ ୩୫ ପୋଲିଂ କର୍ମଚାରୀ, ୮୦୦ ଆଶା କର୍ମୀ ଓ ସ୍ୱେଚ୍ଛା ସେବୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ମୋଟ ୨୪୧ ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସେଠାରେ ସିସିଟିଭି , ୱେବକାଷ୍ଟିଂ, ଭିଡିଓଗ୍ରାଫି ସହ ୯୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ, ୨୫୦ ପୋଲିସ୍ ଅଫିସର,୬ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ବଳଙ୍କୁ ନିଯୁକ୍ତି ଦିଆଯାଇଥିଲା। ତିର୍ତୋଲରେ ମୋଟ ୨,୩୭,୨୮୨ ଭୋଟର ରହିଥିବା ବେଳେ ବାଲେଶ୍ୱର ସଦରରେ ୨,୩୦,୨୯୭ ଭୋଟର ରହିଛନ୍ତି। ମତଦାନ ସମୟରେ ବୁଥରେ ଆଶାକର୍ମୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ସାମାଜିକ ଦୂରତା ରକ୍ଷା କରି ଭୋଟରଙ୍କୁ ଭୋଟ ଦେଇଥିଲେ ।ଏଥିସହ ମତଦାନ କେନ୍ଦ୍ରକୁ ଆସୁଥିବା ସମସ୍ତ ମତଦାତାଙ୍କର ଥର୍ମାଲ୍ ସ୍କ୍ରିନିଂ କରାଯାଇଥିଲଶ । ଯଦି କାହାର ଶରୀରର ତାପମାତ୍ରା ଅଧିକ ଥାଏ କିମ୍ବା କୋଭିଡ୍ ଲକ୍ଷଣ ପ୍ରକାଶ ପାଉଥାଏ ତେବେ ତାଙ୍କୁ ଏକ ଟୋକନ୍ ଦିଆଯାଇ ଫେରାଇ ଦିଆଯାଇ ଶେଷ ପର୍ଯ୍ୟାୟରେ ଆସି ଭୋଟ୍ ଦାନ କରିବେ ବୋଲି କୁହା ଯାଇଥିଲା ।

### ଦୀପାବଳିରେ ବାଣ ବିକ୍ରି ...

ସାଧାରଣ ଭାବେ ଶୀତଦିନେ ବୟସ୍କ ,ଶିଶୁ ଓ ଅନ୍ୟ ରୋଗରେ ପୀଡିତ ବ୍ୟକ୍ତିମାନଙ୍କର ଶ୍ୱାସ ଜନତ ସମସ୍ୟା ଦେଖାଦେଇଥାଏ। ବାଣ ଫୁଟାଇବା ଫଳରେ ଅଧିକ ମାତ୍ରାରେ ନାଇଟ୍ରସ୍ ଅକସାଇଡ୍ , ସଲଫର ଡାଇଅକସାଇଡ୍, କାର୍ବନ୍ ମନୋକସାଇଡ୍ ପରି କ୍ଷତିକାରକ ରାସାୟନିକ ପଦାର୍ଥ ନିର୍ଗତ ହୋଇଥାଏ ଏବଂ ତାହା ଶ୍ୱାସଜନିତ ସମସ୍ୟା ସୃଷ୍ଟି କରିଥାଏ ।ଫଳରେ ହୋମ ଆଇସୋଲେସନ୍ ରେ ଥିବା ତଥା କରୋନା ସଂକ୍ରମିତଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି।

### ନିର୍ବାଚନୀ ସଭାରେ ନୀତୀଶଙ୍କ...

ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ମଧ୍ୟ ନିର୍ବାଚନ ପ୍ରଚାର ସମୟରେ ନୀତୀଶଙ୍କୁ ଅନେକ ଥର ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ନିକଟରେ ମୁଜାଫରପୁରରେ ମଧ ଏହି ରାଲିରେ କିଛି ଲୋକ ନୀତୀଶଙ୍କ ସଭାରେ ଲାଲୁ ଯାଦବ ଜିନ୍ଦାବାଦର ସ୍ଲୋଗାନ ଦେଇଥିଲେ। ସେତେବେଳେ ମଂଚରୁ ନୀତିଶ କହିଥିଲେ ଯାହା ପାଇଁ ଜିନ୍ଦାବାଦର ନାରା ଲଗାଉଛ ତାଙ୍କ କଥା ଶୁଣ, ଏଠାକୁ କାହିଁକି ଆସିଲ ? ଏହା ବ୍ୟତୀତ ନୀତୀଶଙ୍କୁ କେତେକ ସ୍ଥାନରେ କଳା ପତାକା ଦେଖାଯାଇଥିଲା।

### ବିଶିଷ୍ଟ ଶିକ୍ଷାବିତ ଡଃ ବଂଶୀଧର...

ଅଧାପନା କ୍ଷେତ୍ରରେ ତାଙ୍କର ନିଷ୍ଠା ଆଜିର ଶିକ୍ଷା କ୍ଷେତ୍ରରେ ବିରଳ। ଡଃ ତ୍ରିପାଠୀଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପଦ୍ମଶ୍ରୀ ଡଃ ପ୍ରତିଭା ରାୟ, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଫେସର ବ୍ରଜବନ୍ଧୁ ପଣ୍ଡା, ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ପୂର୍ବ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର, ଶିକ୍ଷାବିତ୍ ଡଃ ବଦ୍ରିନାଥ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

### ଏକାମ୍ର ଉଦ୍ୟାନକୁ ବିକ୍ରୀ...

ବ୍ୟବସାୟିକ ପ୍ରତିଷ୍ଠାନ ହାତରେ ଶାଗମୁଗ ମୂଲ୍ୟରେ ଟେକି ଦେବା ପାଇଁ ଚକ୍ରାନ୍ତ କରିଛନ୍ତି। ଏଥିସହ ଡମଣା ଏବଂ ଜଟଣୀ ନିର୍ବାଚନ ମଣ୍ଡଳୀର ତମାଣ୍ଡୋ, ଅନ୍ଧାରୁଆ, ପାତ୍ରପଡା, ତରାବୋଇ, ଗଙ୍ଗପଡା, ଜାମୁକୋଳି, ମେଣ୍ଢାଶାଳ, କୁମାରବସ୍ତ, ବେଲପଡା ଇତ୍ୟାଦି ଗ୍ରାମଗୁଡିକର ମଶାଣୀ, ଖେଳପଡିଆ, ମେଳଣପଡିଆ, ସ୍କୁଲ ପଡିଆକୁ ରାଜ୍ୟ ସରକାରଙ୍କର ବଡ ବଡ ଅଫିସରମାନେ ସଲାସୁତୁରା କରି ବାହାର ସଂସ୍ଥାମାନଙ୍କୁ ଶାଗମୁଗ ମୂଲ୍ୟରେ ବିକ୍ରି କରିବା ପାଇଁ ମଧ ଉଦ୍ୟମ ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଇଡ୍କୋ ଏମ୍.ଡି, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଏସ୍.ଡି.ଓ ଉକ୍ତ ସ୍ଥାନକୁ ଯାଇ ଗ୍ରାମବାସୀମାନଙ୍କୁ ଧମକ ଚମକ ଦେଇ ବଳ ପୂର୍ବକ ଜମି ଦଖଲ କରିବାକୁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏହାକୁ ଶ୍ରୀ ରାଉତରାୟ ଘୋର ନିନ୍ଦା କରିବା ସହ ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏହି ସର୍ବଗିଳା ସରକାରର ଚକ୍ରାନ୍ତକୁ ସଫଳ ହେବାକୁ ଦିଆଯିବ ନାହିଁ। ଭୁବନେଶ୍ୱରର ବିକାଶ ପରିବର୍ତେ ଏମାନେ ୨୦ ବର୍ଷ ଧରି ବିନାଶ କରି ଚାଲିଛନ୍ତି। ଜଙ୍ଗଲ ଜମିକୁ ମଧ ଏହି ସରକାରର ବଡପଣ୍ଡାମାନେ ମାଡି ବସିଛନ୍ତି। ଉକ୍ତ ଅଂଚଳର ଗ୍ରାମବାସୀମାନେ କୌଣସି ମତେ ଏହି ଜମିକୁ ଛାଡିବା ପ୍ରଶ୍ନ ଉଠୁନାହିଁ। ଗୋଚର ଜମିକୁ ମଧ ଜବରଦସ୍ତ ନେଇଯିବା ପାଇଁ ଯେଉଁ ଚକ୍ରାନ୍ତ ଚାଲିଛି ତା'ର ଘୋର ବିରୋଧ କରାଯିବ। ବିଶେଷକରି ଏକାମ୍ରକାନନକୁ ବିକ୍ରୀ କରିବା ପାଇଁ ଯେଉଁ ଚକ୍ରାନ୍ତ ଚାଲିଛି ତାକୁ ସଫଳ କରିବାକୁ ଦିଆଯିବ ନାହିଁ। ରାଜ୍ୟ ସରକାର ଯଦି ତାଙ୍କ ନିଷ୍ପତିରୁ ଓହରି ନଯାଆନ୍ତି ତେବେ ଏହା ବିରୁଦ୍ଧରେ ବିରାଟ ଗଣ ଆନ୍ଦୋଳନ ଗଢ଼ି ଉଠିବ ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସମାଜସେବୀ ମନ୍ମଥ ରାଉତରାୟ, ପ୍ରକାଶ ମିଶ୍ର, ଲିଙ୍ଗରାଜ ସାହୁ ଓ ଜୟକୃଷ୍ଣ ମଲିଆ ଉପସ୍ଥିତ ଥିଲେ।

## ବିଦ୍ୟୁତ ଶୁଳ୍କ ବୃଦ୍ଧି, ଶ୍ରମ ଆଇନ ପରିବର୍ତନ ବିରୁଦ୍ଧରେ ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ୩ ଦିନିଆ ଧାରଣା ଓ ସତ୍ୟାଗ୍ରହ

ଭୁବନେଶ୍ୱର,୩।୧୧ (ନି.ପ୍ର): ଦେଶରେ ଓ ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ପରିସ୍ଥିତିରେ ଜନସାଧାରଣଙ୍କୁ ଉଚିତ୍ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ରୋଜଗାର ଓ ଆର୍ଥିକ ସହାୟତା ଦେବା ପରିବର୍ତେ କୋଭିଡ୍ର ସଟ୍‌ଡାଉନ୍, ଲକ୍‌ଡାଉନ୍, ରାଜନୈତିକ ଓ ଆନ୍ଦୋଳନ ଉପରେ କଡ଼ା ପ୍ରତିବନ୍ଧକର ସୁଯୋଗ ନେଇ କେନ୍ଦ୍ର ସରକାର ୪ ଟି ଲେବରକୋର୍ଡ଼, ୨ଟି ଚାଷୀ ବିରୋଧି ଆଇନ୍ ଅତ୍ୟାବଶ୍ୟକୀୟ ଆଇନ୍ ସଂଶୋଧନ ଓ ରେଲୱେ ପ୍ରତିରକ୍ଷା, ବ୍ୟାଙ୍କ, କୋଲ ପ୍ରଭୁତି ଶିଳ୍ପକୁ ଘରୋଇକରଣ କରିବା, ନାଲ୍‌କୋ, ସେଲ୍, ଭେଲ, ଏଚ୍.ପି.ସି.ଏଲ ଏବଂ ଏନ୍.ଟି.ପି.ସି ପ୍ରଭୃତି ଶିଳ୍ପକୁ ପୁଞ୍ଜି ପ୍ରତ୍ୟାହାର କରିବା, ବେକାରୀ ବୃଦ୍ଧି, ଦରଦାମ୍ ବୃଦ୍ଧି ଓ ରାଜ୍ୟ ସରକାରଙ୍କର ବିଦ୍ୟୁତ୍ ଶୁଳ୍କକୁ ସଂପୂର୍ଣ୍ଣ ଘରୋଇକରଣ କରିବା ପୂର୍ବରୁ ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କିରବା ଓ କାର୍ଯ୍ୟ ନିଘଣ୍ଟ ସମୟକୁ ୮ ଘଂଟା ରୁ ୧୨ ଘଂଟାକୁ ବୃଦ୍ଧି କରିବା ବିରୁଦ୍ଧରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶଖା ତରଫରୁ ଆଜି ସମସ୍ତ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ସତ୍ୟାଗ୍ରହ ଆରମ୍ଭ ହୋଇଛି। ଏହି ଧାରଣା କାର୍ଯ୍ୟକ୍ରମ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ, ଧାରଣା ଶେଷ ଦିନ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ଦିଆଯିବ। ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା ଯାଜପୁର, ଯାଜପୁରରୋଡ଼, ଢେଙ୍କାନାଳ, ଅନୁଗୁଳ, ସୁନ୍ଦରଗଡ଼, ରାଉରକେଲା, ମୟୁରଭଞ୍ଜ, ବଲାଙ୍ଗିର, ସୋନପୁର, ନୂଆପଡ଼ା, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ସମ୍ବଲପୁର,କଟକ, କନ୍ଧମାଳ ସମେତ ସମସ୍ତ ଜିଲ୍ଲାରେ ଆଜିଠାରୁ ୩ ଦିନିଆ ଧାରଣା ଆରମ୍ଭ ଚାଲିଛି। ଆଜି ଭୁବନେଶ୍ୱର ଠାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସଂପାଦକ - କିଶୋର ଜେନା, ଉପସଭାପତି-ମଦନ ମୋହନ ଧଳ ଙ୍କ ନେତୃତ୍ୱରେ ଧାରଣା ଦିଆଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସାଧାରଣ ସଂପାଦକ- ଅକ୍ଷୟ ତ୍ରିପାଠୀ, କୋଷାଧ୍ୟକ୍ଷ-ଧରଣୀଧର ସ୍ୱାଇଁ, ସମ୍ପାଦିକା - ବିଣାପାଣୀ ସାମଲ, ସୁକୁମାର ଦେଓ, ଶ୍ରୀମତୀ ସିଲି ସେଠୀ, ଜୟକୃଷ୍ଣ ମାଲିଆ, ପି.କେ ଦାଶ, ରଶ୍ମିରଞ୍ଜନ ପରିଡ଼ା, ଉଦୟନାଥ ରାଉତ, ଅବ୍‌ଦୁଲ ସହିଦ୍, ମାନସ ପାତ୍ର, ନିଳମଣୀ ବରେଡ଼୍, ତପତି ଦତ୍ତ, ଖଗେଶ୍ୱର ସ୍ୱାଇଁ, ଗୋବର୍ଦ୍ଧନ ଜେନା, ଲିଲି ନାୟକ ଏବଂ ବିଚିତ୍ର ଭୋଇ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଆନ୍ଧ୍ରରେ ଗତ ୨୪ ଘଂଟାରେ କରୋନାର ୨,୮୪୯ ନୂଆ ମାମଲା

ହାଇଦ୍ରାବାଦ ,୩।୧୧ (ନି.ପ୍ର): ଆନ୍ଧ୍ର ପ୍ରଦେଶରେ ଗତ ୨୪ ଘଂଟାରେ ୨,୮୪୯ ନୂଆ କରୋନାର ମାମଲା ସାମନାକୁ ଆସିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୮,୩୦,୭୩୧ହୋଇଛି । ରାଜ୍ୟରେ ବର୍ତମାନ ଯାଏ ୬,୭୩୪ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି।

## ସାଇ ସାଧନା +୩ ବିଜ୍ଞାନ କଲେଜର ସଫଳତା

ଉଦଳା ତା୦୩/୧୧( ନି.ପ୍ର.): ଚଳିତ ବର୍ଷ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ +୩ ଡିଗ୍ରୀ ପରୀକ୍ଷା ମୟୂରଭ ର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉଦଳାସ୍ଥ ସାଇ ସାଧନା କଲେଜ ଅଫ୍ ବେସିକ୍ ସାଇନ୍ସ(+୩) ସଫଳତାର ଶୀର୍ଷରେ ପହଞ୍ଚିଛି । ଚଳିତ ବର୍ଷ ପରୀକ୍ଷାରେ ଶତ ପ୍ରତିଶତ ଛାତ୍ର ଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ପରୀକ୍ଷାରେ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ର ଆଲୋକ ବେହେରା ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି । ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ଅନିତା ମହାନ୍ତ, କମ୍ପ୍ୟୁଟର ସାଇନ୍ସ ବିଭାଗର ଉଇନ୍ ମହାନ୍ତ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି କଲେଜର ଅଭିଜ୍ଞ ତଥା ଉଚ୍ଚକୋଟୀର ଅଧ୍ୟାପକ ମଣ୍ଡଳୀ ଦ୍ୱାରା ଶିକ୍ଷାଦାନର ବ୍ୟବସ୍ଥା ଉତ୍ତମ ଶୈକ୍ଷିକ ବାତାବରଣ ଏବଂ ନିୟମିତ ଅଭିଜ୍ଞତା ସମ୍ପନ୍ନ ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାର ପ୍ରଭାବ ଏହି ସଫଳତା ଆଣିବାରେ ସହାୟକ ହୋଇଛି । ଏଥିପାଇଁ ଟ୍ରଷ୍ଟର ଚେୟାରମ୍ୟାନ୍ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଓ ଏକାଡେମିକ୍ ଡାଇରେକ୍ଟର୍ ପ୍ରଫେସର ଅନାଦି ଚରଣ ଗାଁଣ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ମହିଳାଙ୍କୁ ସଶକ୍ତ କରୁଛି ଉତ୍କଳ ଆଲୁମିନାର ପ୍ରୋଜେକ୍ଟ କୌଶଲ୍ୟା




ରାୟଗଡ଼ା ,୩।୧୧ (ନି.ପ୍ର): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଏକ ୟୁନିଟ୍ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରୋଜେକ୍ଟ 'କୌଶଲ୍ୟା' ଓଡ଼ିଶାର ରାୟଗଡ଼ା ଜିଲାର ୧୫୦ରୁ ଅଧିକ ଗ୍ରାମୀଣ ମହିଳାଙ୍କ ଜୀବନରେ ଅଭୂତପୂର୍ବ ପାର୍ଥକ୍ୟ ଆଣିପାରିଛି। ପ୍ରାୟ ୫ବର୍ଷ ଧରି କାର୍ଯ୍ୟକ୍ଷମ ଥିବା ଏହି ପ୍ରକଳ୍ପ ମହିଳାମାନଙ୍କୁ ସିଲେଇ ଏବଂ ଚାନ୍ଦୁଆ ପ୍ରସ୍ତୁତିରେ ତାଲିମ ଦିଆଯାଉଛି। ଏହା ସେମାନଙ୍କୁ ଦୀର୍ଘସୂତ୍ରୀ ଆକାରରେ ଜୀବିକା ଉପାର୍ଜନର ମାଧ୍ୟମ ଯୋଗାଇ ଦେଉଛି। ଏହି ପ୍ରକଳ୍ପ ଦ୍ୱାରା ରାୟଗଡ଼ା ଜିଲାର ଅଣ୍ଡିରାକଞ୍ଚ, ମାଇକଞ୍ଚ, ନୂଆଗାଁ, କାଞ୍ଚଗୁମା ଏବଂ ରଟଚୁଆଁ ଆଦି ଗ୍ରାମର ମହିଳାମାନେ ଉପକୃତ ହୋଇପାରିଛନ୍ତି। ଏହି ମହିଳାମାନେ ସିଲେଇରେ ନିପୁଣତା ହାସଲ ନିମନ୍ତେ ସେମାନଙ୍କୁ ଶିକ୍ଷା ଦିଆଯିବା ସହିତ ଏକ ସିଲେଇ ୟୁନିଟ ସ୍ଥାପନ ବାବଦ ଖର୍ଚ୍ଚ ଏବଂ ଉତ୍ପାଦନ ନିମନ୍ତେ ଆବଶ୍ୟକତା ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି। ଏଥିସହିତ ଉତ୍କଳ ଆଲୁମିନା ଏହି ମହିଳାମାନଙ୍କ ମଧ୍ୟରୁ କେତେକଙ୍କୁ କପଡା ଏବଂ ଅନ୍ୟାନ୍ୟ ସିଲେଇ ସାମଗ୍ରୀ କ୍ରୟ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛି। ଏହି ସିଲେଇ ଉଦ୍ୟୋଗରୁ ପ୍ରତ୍ୟେକ ମହିଳାଙ୍କର ମାସିକ ସର୍ବନିମ୍ନ ଆୟ ୩୦୦୦ ଟଙ୍କାରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ହେଉଛି। ଜିଲାର ଅତ୍ୟନ୍ତ ଆଭ୍ୟନ୍ତରୀଣ ଅଞ୍ଚଳରେ ଏହି ରୋଜଗାର ପରିବାରର ଜୀବନଧାରଣ ମାନରେ ଉନ୍ନତି ଆଣିବା ଦିଗରେ ବିଶେଷ ସହାୟକ ହୋଇପାରୁଛି। ପ୍ରଥମେ ଏହି ପ୍ରୟାସର ନେତୃତ୍ୱ ନେଉଥିବା ୟୁନିଟ ହେ୍ ଏବଂ ସମ୍ପ୍ରତି ରେନୁକୁଟସ୍ଥିତ ହିଣ୍ଡାଲ୍‌କୋକୁ ସ୍ଥାନାନ୍ତରିତ ହୋଇଥିବା ଶ୍ରୀ ଏନ ନାଗେଶ କହିଛନ୍ତି, 'ଏହା ଅତ୍ୟନ୍ତ ହୃଦୟକୁ ଛୁଇଁବାଭଳି ଏକ ପ୍ରକଳ୍ପ, କାରଣ ଅର୍ଥନୈତିକ ସ୍ୱାଧୀନତା ଜରିଆରେ ଆମେ ସଂଖ୍ୟାଧିକ ମହିଳାଙ୍କୁ ଏକ ଉନ୍ନତ ଜୀବନ ନିର୍ବାହ କରିବାରେ ସହାୟତା କରିବାରେ ସମର୍ଥ ହୋଇଛୁ। ଏହା ସେମାନଙ୍କ ଆତ୍ମବିଶ୍ୱାସ ଏବଂ ସ୍ୱାଭିମାନରେ ଉଲ୍ଲେଖନୀୟ ବୃଦ୍ଧି ଘଟାଇଛି। ଆମେ ଆଦିତ୍ୟ ବିର୍ଲା ସେଣ୍ଟର ଫର କମ୍ୟୁନିଟି ଇନିସିଏଟିଭ ଆଣ୍ଡ ରୁରାଲ ଡେଭେଲପମେଣ୍ଟର ଚେୟାରପର୍ସନ ଶ୍ରୀମତୀ ରାଜଶ୍ରୀ ବିର୍ଲାଙ୍କ ଦ୍ୱାରା ବହୁମାତ୍ରାରେ ଉତ୍ସାହିତ ହୋଇଛୁ, ଯିଏ ଆମ ମହିଳାମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ରଖିବା, ସେମାନଙ୍କର ଉତ×ଥାନ ଏବଂ ସଶକ୍ତ କରିବା ଦିଗରେ ଆମର ନିରବଚ୍ଛିନ୍ନ ପ୍ରୟାସରେ ବିଶ୍ୱାସ କରନ୍ତି।' ଅନୁରୂପ ଭାବେ କାଶୀପୁର ବ୍ଲକର ଶିଳ୍ପ ବିକାଶ ଅଧିକାରୀ ଶ୍ରୀ ସୁଶିଲ କୁମାର ବରଡା କହିଛନ୍ତି, 'ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ଉତ୍କଳ ଏଭଳି ଉତ୍କୃଷ୍ଟ ସେବା ବାସ୍ତବରେ ପ୍ରଶଂସନୀୟ। ଏହାକୁ ଅଧିକ ବୃଦ୍ଧି କରିବା ଉତ୍କଳ ପାଇଁ ଉପଯୁକ୍ତ ହେବ।' ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଉଛି ଏହି ପ୍ରକଳ୍ପ ଅଧୀନରେ ଉପକୃତ ହୋଇଥିବା ଅଧିକାଂଶ ମହିଳା ସମ୍ପ୍ରତି ଉଦ୍ୟୋଗୀ ହେବା ଏବଂ ସେମାନଙ୍କର ନିଜର ସିଲେଇ ୟୁନିଟ ସ୍ଥାପନ କରିବାକୁ ଆଶା ପୋଷଣ କରିଛନ୍ତି। ଶିଳ୍ପୀ ଉନ୍ନତି ଯୋଜନାରେ ଋଣ ପାଇବା ପାଇଁ ସେମାନଙ୍କୁ ରାୟଗଡାସ୍ଥିତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ସହିତ ସଂଯୁକ୍ତ କରାଯାଇଛି। କିଛି ମହିଳାଙ୍କୁ ନିଜର ସିଲେଇ ଉଦ୍ୟୋଗ ଆରମ୍ଭ କରିବା ପାଇଁ ଟିକିରି ଆଗ୍ରୋ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।


WORKS DEPARTMENT
OFFICE OF THE EXECUTIVE ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-E.E.-12/2020-21

1. Number of works - 1 (One) number of work
2. Approximate estimated cost :- 55.48 Lakh
3. Period of Completion :- 9 (Nine) Calendar months
4. Date & Time of availability of bid documents in the portal :- Dt. 06.11.2020 to 11.11.2020
5. Last Date / Time of receipt of bid in the portal :- Dt. 11.11.2020 up to 4.00 PM
6. Date of Opening of bid :- Dt. 12.11.2020 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Executive Engineer
Mayurbhanj (R&B) Division

OI PR : 34025/11/0006/2021

# ଜଳେଶ୍ୱର ଏମ୍ପ୍ଲୟମେଣ୍ଟଏକ୍ସଚେଞ୍ଜର ତାଲା ଖୋଲିବ କେବେ

ଜଳେଶ୍ୱର, ୩/୧୧ (ନିପ୍ର) : ୩୬ବର୍ଷ ପୂର୍ବେ ଜଳେଶ୍ୱର ସହରରେ ଖୋଲା ଯାଇଥିବା ଏମ୍ପ୍ଲୟମେଣ୍ଟଏକ୍ସଚେଞ୍ଜ ଏବେ ବନ୍ଦ ହୋଇ ଯାଇଛି । ଗତ ୨ବର୍ଷ ଧରି ଏହା ସପ୍ତାହକୁ ଗୋଟିଏ ଦିନ ଖୋଲା ଯାଉଥିବା ବେଳେ ଗତ ମାର୍ଚ୍ଚମାସଠାରୁ ଏହାର ତାଲା ଝୁଲିବାକୁ ଯାଉଛି । ଫଳରେ ଉତ୍ତର ବାଲେଶ୍ୱରର ଶହ ଶହ ଛାତ୍ରଛାତ୍ରୀ ସେମାନଙ୍କର ନାମ ପଂଜିକରଣ କରିବାକୁ ଆସି ଦୈନିକ ଫେରୁଥିବା ଦେଖିବାକୁ ମିଳୁଛି । ଜଳେଶ୍ୱର ଭୋଗରାଇ ବ୍ଲକକୁ ନେଇ ୧୯୮୪ ମସିହାରେ ଏହି କାର୍ଯ୍ୟନେୟାଜନ କାର୍ଯ୍ୟାଳୟଟି ପ୍ରତିଷ୍ଠା କରାଯାଇଥିଲା । ଏଥିଲାଗି ବହୁ ଦାବି, ଆନ୍ଦୋଳନ ହୋଇଥିଲା । ଏହା ପ୍ରଥମେ ଷ୍ଟେସନ ବଜାରରେ ଖୋଲାଯାଇଥିଲେ ମଧ୍ୟ ଅଦ୍ୟାବଧି ଭଡାଘରେ ଚାଲି ଆସୁଛି । ୨୦୧୯ ମସିହାରୁ ଏହା ଷ୍ଟେସନବଜାର ସିନେମାହଲ ନିକଟ ଏକ ଘରୋଇ ଗୃହରେ କାର୍ଯ୍ୟକରି ଆସୁଥିଲା । କିନ୍ତୁ ମାର୍ଚ୍ଚ ମାସଠାରୁ ଏଥିରେ ତାଲା ଝୁଲୁଛି । କର୍ମଚାରୀର ଅଭାବ ଦର୍ଶାଇ ପ୍ରଥମେ ସପ୍ତାହକୁ ୪ ଦିନ ଖୋଲାଯାଉଥିବା ବେଳେ ଗତ ମାର୍ଚ୍ଚ ମାସରୁ ସପ୍ତାହକୁ ଗୋଟିଏ ଦିନ ଖୋଲାଯାଉଥିଲା । ପ୍ରକାଶଯୋଗ୍ୟ ଏହି କାର୍ଯ୍ୟାଳୟରେ ବେକାର ଯୁବକ ଯୁବତୀମାନେ ନାମ ପଂଜିକରିଣ କରିଥାନ୍ତି । ଜିଲା ଓ ରାଜ୍ୟରେ କେତେ ବେକାର ରହିଛନ୍ତି ତାହା ଆକଳନ କରାଯାଇଥାଏ । ସରକାରଙ୍କ ଅବହେଳାରୁ ଏଥିରେ ତାଲା ଘୁଲୁଥିବାରୁ ଯୁବକ ଯୁବତୀମାନେ ନାମ ପଂଜିକରଣରୁ ବଂଚିତ ହେଉଛନ୍ତି । କିଛିଦିନ ପୂର୍ବରୁ ଅତିରିକ୍ତ ଡାକସେବକ, ସହକାରୀ ଡାକ ସେବକ ପଦବୀ ନିମନ୍ତେ ନାମ ପଂଜିକରଣ ବାଧ୍ୟତା ମୂଳକ ଥିବାରୁ ବହୁ ଯୁବକ ଯୁବତୀ ଏଥିରୁ ବଂଚିତ ହୋଇଛନ୍ତି । ଜିଲାପାଳ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟାଳୟ ଖୋଲାଯିବାକୁ ଜଳେଶ୍ୱରର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦାବି ଜଣାଇଛନ୍ତି ।

# ଶାଳବନ୍ଧରେ ଝାଡାବାନ୍ତି ମହାମାରୀ ରୂପକୁ ରୋକିବା ପାଇଁ ପ୍ରଶାସନର ତତ୍ପରତା

## ମେଡିକାଲ ଟିମ ପହଂଚି ବିଶୋଧନ କଲା କୂଅ,ରାସ୍ତା ଘାଟ ଓ ଆକ୍ରାନ୍ତ ପରିବାର



ନୀଳଗିରି ,୩।୧୧ (ନି.ପ୍ର): ନୀଳଗିରି ସହର ତଥା ଏନଏସି ଅଧିନସ୍ଥ ୩ ନଂ ୱାର୍ଡ ଶାଳବନ୍ଧ ଗ୍ରାମର ବନ୍ଧସାହିରେ ପାନୀୟ ଜଳ କୁ ନେଇ ଏକ ନାବାଳକ ର ମୃତ୍ୟୁ ହେବା ଘଟଣା ଏବଂ ୩ ଦିନ ପରେ ୪ ଜଣ ଗୁରୁତର ହେବା ଖବର ପାଇ ଈଶ୍ୱରପୁର ପିଏଚଓ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ ଗାଁରେ ପହଂଚି ସ୍ଥିତି ପରକ୍ଷିବା ସହିତ ଆକ୍ରାନ୍ତ ପରିବାରକୁ ମେଡିସିନ ସହ ଗାଁରେ ବ୍ୟବହାର କରୁଥିବା ଏକମାତ୍ର କୁଅରେ ବ୍ଲିଚିଂ, ହେଲଜିନ ଟ୍ୟାବଲେଟ ପକାଇବା ସହିତ ଗାଁ ଦାଣ୍ଡରେ ସଫା କରି ବ୍ଲିଚିଂ ପକାଇଥିବା ଦେଖିବାକୁ ମିଳିଛି । ଏହି ଘଟଣାରେ ଗୁରୁତର ହୋଇ ଘରେ ଥିବା ଭଗବାନ ସିଂଙ୍କୁ ବୁଝାସୁଝା କରି ମେଡିକାଲ ଟିମ ତରଫରୁ ଓଆରଏସ ଓ ଔଷଧ ନୟମିତ ଖାଇବା ପାଇଁ ଦେଇଥିଲେ । ଉକ୍ତ ଝାଡାବାନ୍ତିଟି ମହାମାରୀ ରୂପରୁ ଗ୍ରାମବାସୀଙ୍କୁ ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଈଶ୍ୱରପୁର ମେଡିକାଲ ପକ୍ଷରୁ ପିଏଚଓ ଗୋଲକ ବିହାରୀ ଦାସ, ଏଏନଏମ ସକୁନ୍ତଳା ନାୟକ, ରାଜେଶ ମହାନ୍ତି, ଅଙ୍ଗନୱାଡି କର୍ମୀ ନିରୁପମା ବିଶ୍ୱାଳ, ସମେତ କର୍ମଚାରୀ ମାନେ ସାମିଲ ଥିଲେ । ସୂଚନା ଥାଉକି କୂଳଡିହା ପାଦଦେଶରେ ଏହି ୩ ନଂ ୱାର୍ଡ ଅବସ୍ଥିତ ଉକ୍ତ ୱାର୍ଡଟି ବନ୍ଧସାହି , ଶାଳବନ୍ଧ, ଚତରସାହି, ବେତଶୂଳ ଓ ଜାଉଁରୀକୁ ନେଇ ଗଠିତ । ଏଥିରେ ଶତକଡା ୯୯ ଭାଗ ଲୋକ ଆଦିବାସି ସମ୍ପ୍ରଦାୟର ହୋଇଥିବା ବେଳେ ସବର୍ଣ୍ଣ ଲୋକ ବସବାସ କରନ୍ତି । ବନ୍ଧସାହିଟି ଏନଏସିରେ ହୋଇଥିଲେ ସୁଦ୍ଧା ଏହା ଏକ ବିଛିନାଂଚଳ । ଉକ୍ତ ସାହିଟି ଔପଦା ବ୍ଲକ ଅଧିନସ୍ଥ ବାଉଁଶବଣିଆ ପଂଚାୟତର ଛୋଟକାନପୁର ଓ ଢୁଲପୁର ଗ୍ରାମର ମଧ ସ୍ଥଳରେ ଅବସ୍ଥିତ । ଏଠାକୁ ଯିବା ପାଇଁ ରାସ୍ତାଘାଟ ନଥିବା ବେଳେ ପାନୀୟ ଜଳ କହିଲେ ଏକମାତ୍ର କୁଅ ହିଁ ବନ୍ଧସାହିରେ ବସବାସ କରୁଥିବା ପ୍ରାୟ ଶହେ ଲୋକଙ୍କୁ ସାହା ଭରଷା । ଏବେ ମଧ ଲୋକ ମାନଙ୍କ ମଧରେ ଅନ୍ଧବିଶ୍ୱାସ, କୁସଂସ୍କାର ଓ ସ୍ୱାସ୍ଥ୍ୟ ସଚେତନତା ନେଇ ଅନବିଜ୍ଞଥିବାରୁ ଏପରି ସମସ୍ୟା ଦେଖାଦେଇଛି । ସ୍ୱାଧିନତାର ୭୫ ବର୍ଷପରେ ସହରାଂଚଳର ବନ୍ଧସାହି ଏପରି ଏକ ଗାଁ ଅଛି ଯାହାକୁ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ତୁରନ୍ତ ଉକ୍ତ ଅଂଚଳରେ ପାନୀୟ ଜଳ , ସ୍ଥାୟୀ ରାସ୍ତା ଏବଂ ଲୋକମାନଙ୍କ ମଧରେ ସଚେତନତା ସୃଷ୍ଟି କିରବା ସହିତ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଅଂଚଳର ଅଧିବାସୀ ମାନଙ୍କ ପାଇଁ ନ୍ୟାୟ ଦେବାକୁ ରବିନ୍ଦ୍ର ସିଂ, ଗୌରହରି ସିଂ, ମଂଟୁ ସିଂ, ରମାକାନ୍ତ ସିଂ, ଦୀପକ ସିଂ, ଅକ୍ଷୟ ସିଂ , ସୁରେନ୍ଦ୍ର ସିଂ , ପ୍ରଫୁଲ୍ଲ ସିଂ ପ୍ରମୁଖ ଦାବୀ କରିଛନ୍ତି । ଘଟଣା ସମ୍ପର୍କରେ ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନା ଓ ଏନଏସି ନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେବୋଲି ସୂଚନା ଦେଇଛନ୍ତି ।

# ଜିଲ୍ଲା ବିକାଶର ନମୁନା ପରିଖିର ନନ୍ଦଚକ : ଗ୍ରାମବାସୀଙ୍କ ଭୋଟ ବର୍ଜନକୁ ନେଇ ଉଦ୍‌ବେଗ



ବାଲେଶ୍ୱର,୩।୧୧ (ନି.ପ୍ର): ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହି ଆସୁଥିବା ପରିଖି ପଞ୍ଚାୟତର ନନ୍ଦଚକବାସୀ ସଦର ଉପ-ନିର୍ବାଚନରେ ଭୋଟ ବର୍ଜନ କରିବା ଘଟଣାକୁ ନେଇ ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି । ସଦର ବ୍ଲକ ପରିଖି ପଞ୍ଚାୟତର ୯ ନଂ ୱାର୍ଡ଼ ନନ୍ଦଚକ ଗ୍ରାମର ଜଙ୍ଗଲ ଘେରୀ ପଡ଼ା । ୪୦ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ଗ୍ରାମରେ ପ୍ରାୟ ୧୨୬ ଜଣ ଭୋଟର ୧୯୪ ନଂ ବୁଥରେ ପ୍ରତି ନିର୍ବାଚନରେ ମତଦାନ କରିଥା'ନ୍ତି । ଆଞ୍ଚଳିକ ବିକାଶ କ୍ଷେତ୍ରରେ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଅବହେଳାକୁ ଦାୟୀ କରି ଗ୍ରାମବାସୀମାନେ ଆଜି ଭୋଟ ବର୍ଜନ କରିଛନ୍ତି । ତେବେ ଭୋଟ ବଜର୍ନ ସମ୍ପର୍କରେ ଖବର ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସଦର ବ୍ଲକର ଜନୈକ ଅଧିକାରୀ ଅପରାହ୍ନ ପ୍ରାୟ ୨ଟା ବେଳେ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଅଧିକାରୀ ଜଣକ ଲୋକମାନଙ୍କୁ ବୁଝାସୁଝା କରିଥିଲେ ବି ଯିଦ୍‌ରେ ଅଟଳ ଲୋକେ ସଂଧ୍ୟା ୬ଟା ସୁଦ୍ଧା ବୁଥ୍‌ରେ ପହଞ୍ଚି ନଥିଲେ । ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ବିକାଶ ଏ ଅଞ୍ଚଳ ପାଇଁ ସ୍ୱପ୍ନ ହୋଇଥିବା ଗାମବାସୀମାନେ କହିଛନ୍ତି । ଏହି ଅଞ୍ଚଳକୁ ରାସ୍ତାଟିଏ ନଥିବା ବେଳେ ବ୍ରିଟିଶ ଅମଳରା ଲୁଣିବନ୍ଧ ନଷ୍ଟ ହୋଇଯିବା କାରଣରୁ ପ୍ରତି ବର୍ଷାଋତୁରେ ଲୋକେ ଅତଙ୍କିତ ଅବସ୍ଥାରେ ରହୁଛନ୍ତି । ଅନୁରୂପ ଭାବେ ପାଳନୀୟଜଳ, ସ୍ୱାସ୍ଥ୍ୟ, ଗମନାଗମନ ପ୍ରତିଟି କ୍ଷେତ୍ରରେ ପରିଖି ପଞ୍ଚାୟତର ଏହି ନନ୍ଦଚକବାସୀଙ୍କୁ ଅବହେଳା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ବିଶେଷ କରି ବୁଢ଼ାବଳଙ୍ଗ ନଦୀର ଶାଖାନାଳରେ ସମସ୍ତଙ୍କ ସହଯୋଗରେ ବାଉଁଶ ପୋଲ ଉପରେ ସେମାନେ ଏବେ ଯା'ଆସ କରୁଛନ୍ତି । ସ୍ଥାୟୀ ପୋଲଟିଏ ନିର୍ମାଣ ପାଇଁ ଜିଲ୍ଲାପାଳ, ବିଡିଓ ଓ ଲୋକପ୍ରତିନିଧିଙ୍କଠାରେ ଦୀର୍ଘବର୍ଷ ଧରି ଆପତ୍ତି ଜଣାଇବା ପରେ କିଛି ଫଳ ନହେବାରୁ ଭୋଟ ବର୍ଜନ ଭଳି ଚରମ ନିଷ୍ପତି ନେବାକୁ ଗ୍ରାମବାସୀମାନେ ବାଧ୍ୟ ହୋଇଥିବା ପରଖି ବିକାଶ ମଞ୍ଚର ସଭାପତି ଚାରୁଭଦ୍ର ଯାନା ସୂଚନା ଦେଇଛନ୍ତି । ବିକାଶକୁ ନେଇ ଗତ ୨୦ଦିନ ଧରି ସବୁ ପ୍ରାର୍ଥୀ ଓ ଦଳଙ୍କ ପକ୍ଷରୁ ଜୋରଦାର ପ୍ରଚାର ହେଉଥିବା ବେଳେ ନନ୍ଦଚକ ଗ୍ରାମ ବିକାଶର ପ୍ରକୃତ ନମୁନା ହୋଇପାରିଛି ବୋଲି ସେ ଆରୋପ ଉଠାଇଛନ୍ତି ।

## ୬୮ନଂ ବୁଥରେ ର୍‍ୟାଗିଂ ପୁଲିଂ ଅଭିଯୋଗ

ବାଲେଶ୍ୱର,୩।୧୧ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନର ୬୮ ନଂ ବୁଥ୍‌ରେ ବିଜେଡି କର୍ମୀମାନେ ଫଲ୍ସ ଭୋଟିଂ କରିବା ସହ ବିଜେପି ପୁଲିଂ ଏଜେଣ୍ଟଙ୍କୁ ଆକ୍ରମଣ କରିଥିବା ନେଇ ସଦରଥାନା ଅଧୀନସ୍ଥ ହଳଦୀପଦା ଫାଣ୍ଡିରେ ଲିଖିତ ଅଭଯୋଗ ହୋଇଛି । ବିଜେପି ପୁଲିଂ ଏଜେଣ୍ଟ କୌସ୍ତବ ପାଢ଼ୀଙ୍କ ଅଭିଯୋଗ କ୍ରମେ ଆଜି ଅମରା ନୋଡାଲ ସ୍କୁଲର ବୁଥ୍ ନଂ ୬୮ରେ ମତଦାନ ସୁରୁଖୁରରେ ଚାଲିଥିବା ବେଳେ ମଧ୍ୟାହ୍ନ ସମୟରେ ବିଜେଡିର କିଛି ଯୁବକର୍ମୀ ପ୍ରବେଶ କରି ତାଙ୍କୁ ଘେରି ଯାଇଥିଲେ । ଏମିତିକି ସେମାନଙ୍କ ଆଚରଣ ନେଇ ସେ ପାଟିକରି ପ୍ରିଜାଇଡିଂ ଅଫିସରଙ୍କୁ ଡାକିଥିଲେ ବି କିଛିଫଳ ହୋଇନଥିଲା । ଅନ୍ୟପକ୍ଷରେ କେତକ ଯୁବକ ଇଭିଏମକୁ ଘେରି ଛିଡ଼ା ହୋଇଥିଲେ । କେବଳ ସେ ତାଙ୍କୁ ବିରୋଧ କରିଥିଲେ ବି ତାଙ୍କ କଥା କେହି ଶୁଣି ନଥିବା ଶ୍ରୀ ପାଢ଼ୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ୬୮ ନଂ ବୁଥ୍‌ରେ ର୍‍ୟାଗିଂ ଭୋଟ ହେଉଥିବା ନେଇ ଖବର ପାଇ ବିଜେପିର କିଛି କର୍ମକର୍ତ୍ତା ପହଞ୍ଚିଥିଲେ । ସେମାନଙ୍କ ସହଯୋଗରେ ଶ୍ରୀ ପାଢ଼ୀ ହଳଦୀପଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥବା କହିଛନ୍ତି ।

## ପତିତପାବନ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା

ପୁରୀ,୩।୧୧ (ନି.ପ୍ର): ଧର୍ମମାସ ମହାକାର୍ତ୍ତିକରେ ହବିଷ୍ୟାଳି ଓ ଭକ୍ତମାନେ ଶ୍ରୀଜିଉଙ୍କୁ ଦର୍ଶନ କରିବା ପାଇଁ ବ୍ୟାକୁଳ ହେଉଛନ୍ତି । ଏପରିକି ପତିତପାବନ ଦର୍ଶନ ପାଇଁ ଗହଳି ଲାଗିରହୁଥିବାରୁ ଆଜି ପ୍ରଶାସନ ପକ୍ଷରୁ ପତିତପାବନ ଦର୍ଶନ ଶୃଙ୍ଖଳିତ କରିବା ପାଇଁ ଭକ୍ତଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ଏହି ବ୍ୟାରିକେଡ ଷ୍ଟେଟବ୍ୟାଙ୍କ ଏଟିଏମ୍ ସମ୍ମୁଖ ଭକ୍ତ ଦର୍ଶନ ସେଡ୍ ନିକଟରୁ ବ୍ୟାରିକେଡ କରାଯାଇ କାକୁଡି ଖାଇ ଛକରେ ପ୍ରସ୍ଥାନ କରିବା ପାଇଁ ବ୍ୟବସ୍ଥା ହୋଇଛି । ପତିତପାବନ ଦର୍ଶନକୁ ଶୃଙ୍ଖଳିତ କରାଯିବା ପାଇଁ ଏହି ବ୍ୟବସ୍ଥା ହୋଇଥିଲେ ମଧ ଅନେକ ଭକ୍ତ ଧାଡିକୁ ଦେଖି ନୀଳଚକ୍ରକୁ ମୁଣ୍ଡିଆ ମାରି ଫେରିଯାଉଥିବା ପରିଲକ୍ଷିତ ହୋଇଛି ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ମୁନିଗୁଡା ଠାରେ ରାସ୍ତା ଉପରେ ଜଣେ ଅଜଣା ଯୁବକର ଗାଡି ଚାପାରେ ମୃତ୍ୟୁ



ଗୁଣୁପୁର,୩।୧୧ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ଠାରେ ନିର୍ମାଣଧିନ ନୂଆ ଷ୍ଟାଡିୟମର କିଛି ଦୂରରେ ଜଣେ ଯୁବକର ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ଅଜଣା ବ୍ୟକ୍ତି ହୋଇଥିବାରୁ ଲୋକମାନେ ପୋଲିସକୁ ଖବର ଦେଇଥିଲେ । ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖିଛନ୍ତି । ଅଜଣା ଏହି ଯୁବକଙ୍କ ଶବପାଖରେ ପଡିଥିବା ପାନ୍‌କାର୍ଡରୁ ଜଣାପଡିଛି ମୃତଯୁବକ ହେଉଛନ୍ତି ଅସୁରପଡା ଗ୍ରାମର ରୋହିଦାଶ କରକରିଆ । ହେଲେ ଏହି ଦୁର୍ଘଟଣା ଟ୍ରକଦ୍ୱାରା ହୋଇଥାଇ ପାରେ ବୋଲି ଆଲୋଚନା ହେଉଛି । ପୋଲିସ୍ ଏକ ଅପମୃତ ମାମଲା କରି ଅଧିକ ତଦନ୍ତ ଜାରି ରଖିଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

# ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସମୀକ୍ଷା ବୈଠକ

## ନୂଆ କ୍ରୀଡାନୀତି ଏବଂ ଓଡ଼ିଶା-ୱାନ୍ ପୋର୍ଟାଲ୍‌ର ଶୀଘ୍ର କାର୍ଯ୍ୟକାରିତା ନେଇ ବୈଠକରେ ଗୁରୁତ୍ୱ

ଭୁବନେଶ୍ୱର,୩।୧୧ (ନି.ପ୍ର): ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡା ଏବଂ ଯୁବସେବା ବିଭାଗ ସମୀକ୍ଷା ବୈଠକ ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ଓ ଯୁବସେବା ବିଭାଗର ସମୀକ୍ଷା ବୈଠକରେ ନୂଆ କ୍ରୀଡାନୀତିର ଶୀଘ୍ର ପ୍ରଣୟନ ଉପରେ ଆଲୋଚନା ହୋଇଥିଲା । ଏଥିସହିତ ବୁକିଂ ସୁବିଧା, ୱେଟେଜ୍ ସାର୍ଟିଫିକେଟ୍, କ୍ରୀଡାବିତ୍ ଙ୍କ ପରିଚୟ ପତ୍ର ଏବଂ ଅଭାବି କ୍ରୀଡାବିତ୍ ଙ୍କ ପେନ୍‌ସନ୍ ଆଦି ଯୋଜନା ଅନ୍ ଲାଇନ ଜରିଆରେ ସେବା ଯୋଗାଇଦେବା ଉପରେ ମନ୍ତ୍ରୀ ଶ୍ରୀ ବେହେରା ଗୁରୁତ୍ୱ ଦେଇଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ କ୍ରୀଡାକୁ ବାଧ୍ୟତାମୂଳକ ବିଷୟରେ ସାମିଲ କରିବା ନେଇ ବର୍ତମାନର ସ୍ଥିତି ସମ୍ପର୍କରେ ବିଭାଗୀୟ ଶାସନ ସଚିବ ବିଶାଲ୍ କୁମାର ଦେବ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ ଅବଗତ କରାଇଥିଲେ । ଏଥିସହିତ ନିକଟରେ ପ୍ରତିଷ୍ଠା ହୋଇଥିବା ହାଇପର୍ଫରମାନ୍ସ ସେଂଟରଗୁଡିକର କାର୍ଯ୍ୟକାରିତା ନେଇ ମନ୍ତ୍ରୀ ଶ୍ରୀ ବେହେରା ସଚିବ ଶ୍ରୀ ଦେବଙ୍କ ସହିତ ବିଷଦ ଆଲୋଚନା କରିଥିଲେ । ସେହିପରି ମନ୍ତ୍ରୀ ଶ୍ରୀ ବେହେରା ବିଭାଗର ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ଏବଂ ଓକାକ୍ ସିଇଓ ଶ୍ରୀ ମନୋଜ କୁମାର ପଟ୍ଟନାୟକଙ୍କ ସହିତ ଏକ ଭର୍ଚୁଆଲ୍ ସମୀକ୍ଷା ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ । ମନ୍ତ୍ରୀ ଶ୍ରୀ ବେହେରା କୋଭିଡ୍ ମ୍ୟାନେଜ୍ ମେଂଟ, କଲ୍ ସେଂଟରର କାର୍ଯ୍ୟକାରିତା, ହୋମ୍ କ୍ୱାରାଂଟାଇନ୍ ରେ ଥିବା କୋଭିଡ୍ ଆକ୍ରାନ୍ତଙ୍କ ନିୟମିତ ସ୍ୱାସ୍ଥ୍ୟ ତଦାରଖ ବିଷୟରେ ସମୀକ୍ଷା କରିଥିଲେ । ଏଥିସହିତ ଓଡିଶା ରାଜ୍ୟ ଡାଟା ସେଂଟର, ଷ୍ଟେଟ୍ ଡାସବୋର୍ଡ ଏବଂ ସମସ୍ତ ଜନକଲ୍ୟାଣ ସେବା ଗୋଟିଏ ଅନ୍ ଲାଇନ ପ୍ଲାଟ୍ ଫର୍ମ ଜରିଆରେ ଉପଲବ୍ଧ ହେବାଭଳି ୱେବ୍ ପୋର୍ଟାଲ୍ 'ଓଡ଼ିଶା-ୱାନ୍'ର ଶୀଘ୍ର ଲୋକାର୍ପଣ ନେଇ ଆଲୋଚନା କରିଥିଲେ ।

# କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୫୩ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୩।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୫୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୫୩୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୬୧୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ଆନ୍ଧ୍ର-ଓଡିଶା ସୀମାନ୍ତରେ ପାଞ୍ଚଟିକିଆ ହାତୀପଲ, ଗ୍ରାମବାସୀ ଭୟଭୀତ



ରାୟଗଡ଼ା,୩।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ର ସୀମାନ୍ତ ଅଞ୍ଚଳରେ ତଥା ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ସୀମାରେ ହାତୀପଲଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ନାଗାବଳୀ ନଦୀ ଅବବାହିକାରେ ବସତି ସ୍ଥାପନ କରୁଥିବା ଓଡ଼ିଶା ର କିଛି ଗ୍ରାମବାସୀ ବର୍ତ୍ତମାନ ପୁରା ଭୟଭୀତ ହୋଇ ଜୀବନ ଯାପନ କରୁଛନ୍ତି । ରାୟଗଡା ଜିଲ୍ଲା ସଦର ମହକୁମା ଠାରୁ ୨୮ କିଲୋମିଟର ଦୂର ଓଡିଶାର କେରେଡା ଏବଂ ଆନ୍ଧ୍ରପ୍ରଦେଶର କୁନେରୁ ମଧବର୍ତ୍ତୀ ଅଞ୍ଚଳରେ ଏକ ପାଞ୍ଚ ଟିକିଆ ହାତୀ ପଲ ନଜରକୁ ଆସିଛି ଓ ନାଗାବଳୀ ନଦୀ କୂଳରେ ଏହି ହାତୀପଲ ବୁଲୁଥିବା ବେଳେ ଆଜି ଭୋରରୁ ମୁଖ୍ୟରାସ୍ତା ଉପରକୁ ହାତୀପଲ ଚାଲି ଆସିଥିଲେ ଓ ରାୟଗଡା ଠାରୁ ବିଜୟନଗରମ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଗୋଟିଏ ଦନ୍ତାହାତୀ, ଗୋଟିଏ ମାଈହାତୀ ଏବଂ ତିନୋଟି ଛୁଆହାତୀ ବିଚରଣ କରୁଥିବା ସୂଚନା ରହିଛି ଓ ହାତୀପଲ ଆନ୍ଧ୍ରର ବିଭିନ୍ନ ଚାଷ ଜମିକୁ ଯାଇ ଫସଲ ନଷ୍ଟ କରୁଥିବା ସୂଚନା ହସ୍ତଗତ ହୋଇଛି ଓ ହାତୀପଲ ମୁଖ୍ୟ ରାସ୍ତା ଉପରକୁ ଆସିବା ଏବଂ ଜନବସତିର ଅତି ନିକଟବର୍ତ୍ତୀ ହେବା ଯୋଗୁଁ ଲୋକଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି ଓ ଏଭଳିକି ରାୟଗଡା ଠାରୁ ବିଜୟନଗରମ ଯାଉଥିବା ଅନେକ ଗାଡି ହାତୀପଲ ଦେଖି ଅଟକି ଯାଇଥିଲେ ଓ ଫଳରେ ଓଡ଼ିଶାର କେରେଡା, ଅଣିଜା, ବୋରୁହାଲୁଆ, ଅତଡା, ଏମ୍ପଲବାଲସା ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି । ଏଣେ ଆନ୍ଧ୍ରପ୍ରଦେଶ ର କୋଟୁ ଏବଂ ସୋଲପଦର ଗ୍ରାମର ଲୋକେ ହାତୀପଲ କୁ ଘଉଡାଇବା ପାଇଁ ବାଣ ଫୁଟେଇବା ଯୋଗୁଁ ହାତୀ ଗୁଡିକ ବାଟ ବଣା ହୋଇ ଓଡିଶା ମୁହାଁ ହେଉଥିବା ସୂଚନା ରହିଛି ଓ ସୂଚନା ପାଇ ସାଉଥକୋ ବିଭାଗ ଦ୍ୱାରା କିଛି ଅପ୍ରୀତିକର ପରିସ୍ଥିତିକୁ ଏଡେଇବା ପାଇଁ କେରେଡା ସମେତ ଆଖ ପାଖ ଅଞ୍ଚଳର ବିଦ୍ୟୁତ ସରବରାହ ବିଛିନ୍ନ କରାଯାଇଛି ଓ ଏଭଳିକି ଆଜି ଦିନ ତମାମ ବିଦ୍ୟୁତ ସରବରାହ ବିଛିନ୍ନ ରହିବ ବୋଲି ଘୋଷଣା ହୋଇଥିବା ମଧ ଜଣା ପଡିଛି ଓ ଏ ସମ୍ପର୍କରେ ସୂଚନା ପାଇ ରାୟଗଡା ଓଆନ୍ଧ୍ରପ୍ରଦେଶ ବନବିଭାଗ କର୍ତ୍ତୃପକ୍ଷ କୁନେରୁ ଏବଂ କୋଟୁ ଗାଁ ନିକଟରେ ଅଟକି ହାତୀପଲକୁ ଘଉଡେଇବାର ବ୍ୟବସ୍ଥା କରିଛନ୍ତି ଓ ଏହି ହାତୀପଲ ଆନ୍ଧ୍ରପ୍ରଦେଶର ବିରଗୋଟମ ଜଙ୍ଗଲରୁ ଫସଲ ଖାଇବା ଏବଂ ପାଣି ପିଇବା ପାଇଁ ନାଗାବଳୀ ନଦୀତଟ ଦେଇ ଆସିଥିବା ଅନୁମାନ କରାଯାଉଛି ଓ କାରଣ ଗତ ବର୍ଷ ମଧ ଏଭଳି ଏକ ହାତୀପଲ ଓଡିଶା ଏବଂ ଆନ୍ଧ୍ରରେ ପ୍ରାୟ ଏକ ମାସ ଧରି ଘୁରି ବୁଲିଥିଲେ ଏବଂ ବ୍ୟାପକ ଭାବରେ ଫସଲ ନଷ୍ଟ କରିଥିଲେ ଓ ଚଳିତ ବର୍ଷ ମଧ ତାହାର ପୁନରାବୃତ୍ତି ଘଟିଛି ଓ ତେବେ ହାତୀ ପଲ ନାଗାବଳି ନଦୀ ପାର ହୋଇ ଅପର ପାର୍ଶ୍ୱରେ ଥିବା ଓଡିଶାର ଅନେକ ଗାଁକୁ ପଶିବାର ସମ୍ଭାବନା ରହିଛି ତେଣୁ ବନବିଭାଗ କର୍ତ୍ତୃପକ୍ଷ ଉକ୍ତ ସ୍ଥାନରେ ପହଂଚି ହାତୀ ପଲ କୁ ଘଉଡେଇବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ଓ ଅପର ପକ୍ଷରେ ରାୟଗଡ଼ା ଫରେଷ୍ଟ ରେର ଅଶୋକ ପ୍ରଧାନ କହିଛନ୍ତି ଯେ ବନ ବିଭାଗ ପକ୍ଷରୁ କ୍ଷେତ୍ରୀୟ କର୍ମଚାରୀଙ୍କୁ ଏଥିପାଇଁ ନିୟୋଜିତ କରାଯାଇଛି ଓ ଲୋକଙ୍କୁ ମଧ ସଚେତନ କରିବା ପାଇଁ ପ୍ରଚାର ଓ ପ୍ରସାର କରାଯାଉଥିବା ପ୍ରକାଶ କରିଛନ୍ତି ।

# ଲୋକାର୍ପିତର ୪ବର୍ଷ ନ ପୁରୁଣୁ ବାରମୁହାଁ ପୋଲରେ ଫାଟ : ନିମ୍ନମାନର କାର୍ଯ୍ୟ !

ଜଳେଶ୍ୱର, ୩/୧୧ (ନିପ୍ର) : ଇଂରେଜ ଅମଳରେ ନିର୍ମାଣ ହୋଇଥିବା ବଡବଜାରସ୍ଥିତ ଐତିହାସିକ ବାରମୁହାଁ ପୋଲକୁ ଭଂାଗିରୋଜି ନୂତନ ନିର୍ମାଣ ହୋଇଥିବା ପୋଲ ୪ ବର୍ଷ ନ ପୁରୁଣୁ ସେଥିରେ ଦେଖା ଦେଇଛି ଫାଟ । ପୂର୍ତ୍ତବିଭାଗର ନିର୍ମାଣ ପ୍ରତି ଏହା ଅଙ୍ଗୁଳି ନିର୍ଦ୍ଦେଶ କରିଛି । ଜଳେଶ୍ୱର ବଡବଜାରରୁ ଷ୍ଟେସନ ବଜାରରେ ଯାତାୟାତ ବେଳେ ଓଟି ରୋଡ ଓ ତଥାକଥିତ ଜଗନ୍ନାଥ ରୋଡରେ ପଡିଥାଏ ବାରମୁହଁ ପୋଲ । ଇଂରେଜ ଅମଳରେ ଏହା ହୋଇଥିଲା ନିର୍ମାଣ । ଏହାକୁ ଭାଂଗି ନୂତନଭାବେ ନିର୍ମାଣ ହୋଇ ଏହି ପୋଲ । ୯ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ପୋଲକୁ ମୁଖ୍ୟମନ୍ତ୍ରୀ ୨୫-୧୧-୨୦୧୬ରେ ଲୋକାର୍ପିତ କରିଥିଲେ । ପୁର୍ତ୍ତ ବିଭାଗ ଦ୍ୱାରା ବାରମୁହାଁ ନାଳ ଉପରେ ଉଚ୍ଚସ୍ତରୀୟ ଏହି ସେତୁ ନିର୍ଦ୍ଦିଷ୍ଟ ସମୟରେ ନିର୍ମାଣ କାର୍ଯ୍ୟ ସରିଥିଲା । ପୁରୁଣା ପୋଲଟି ଏକ ଐତିହାସିକ ପୋଲ ହୋଇଥିବାରୁ ଅତୀତର ଗ୍ରାଣ୍ଟ ଟ୍ରାଙ୍କ ରୋଡ ଓ ଶ୍ରୀଜଗନ୍ନାଥ ରାସ୍ତା କୁହାଯାଉଥିବା ଏବଂ ଶ୍ରୀ ଚୈତନ୍ୟ ଦେବ ପୁରୀକୁ ଏହି ରାସ୍ତାରେ ଯାଇଥିବାରୁ ଏହି ପୋଲର ଉତ୍କର୍ଷତା ପ୍ରମାଣିତ ହେଉଥିଲା । କିନ୍ତୁ ନିର୍ମାଣର ଗୋଟିଏ ବର୍ଷ ନ ପୁରୁଣୁ ଏହାର କାର୍ଯ୍ୟପ୍ରତି ସନ୍ଦେହ ସୃଷ୍ଟି କରିଥିଲା । ଏବେ କିନ୍ତୁ ପୋଲର ବିଭିନ୍ନ ସ୍ଥାନରେ କଂକ୍ରିଟ ଖସିଯାଇଛି । ଫଳରେ ରଡ ଗୁଡିକ ବାହାରକୁ ବାରି ଯାଇଛି । ତେଣୁ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୁଣି ଏହି ପୋଲର ଉତ୍ତର ପଟ ରାସ୍ତାଟି ଅଧିକ ଗଡାଣିଆ ଓ ଏହା ନିତି ଦିଗକୁ ଏକ ଛକ ରାସ୍ତା ରହିଛି । ଉକ୍ତ ଗଡାଣି ରାସ୍ତାରେ ବହୁ ସମୟରେ ଦୁର୍ଘଟଣାମାନ ଘଟୁଥିବାର ଦେଖିବାକୁ ମିଳୁଛି । ସେଠାରେ ରାସ୍ତାଟି ୩ ଦିଗକୁ ଯାଇଥିବାରୁ ସେଠାରେ ଏକ ଟ୍ରାଫିକ୍ ଛକ ନିର୍ମାଣ ପାଇଁ ସିଦ୍ଧାନ୍ତ ହୋଇଥିଲା । କିନ୍ତୁ ପୁର୍ତ୍ତବିଭାଗ ସେଥିପ୍ରତି ଧ୍ୟାନ ଦେଉନଥିବାରୁ ବିଭାଗୀୟ ଉଚ୍ଚ କର୍ମକର୍ତ୍ତର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo